ସକାଳ THE SAKALA



www.sakalaepaper.com

# ଶାଢ଼ି ୱାକାଥନ୍‌ରେ ସାମିଲ ହେଲେ ହଜାରେ ମହିଳା









ବାଲେଶ୍ୱର, ୧୦।୩(ସମିସ):

ମହିଳାମାନେ କିପରି ନିଜକୁ ସଶକ୍ତ କରିବେ, କିପରି ନିଜ ଉପରେ ଆତ୍ମ ବିଶ୍ୱାସ ଆଣିବେ ଏବଂ ନିଜ ନିଜ ଭିତରେ କେମିତି ସଚେତନ ରହିବେ ଏପରି ଏକ ଉଦ୍ଦେଶ୍ୟ ରଖି ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ବାଲେଶ୍ୱରରେ ଆୟୋଜିତ ହୋଇଯାଇଛି 'ୱାକାଥନ୍ ଇନ୍ ଶାଢ଼ି'। ବେଳେବେଳେ ଆମେ ଆମ କଳା ଓ ସଂସ୍କୃତିକୁ ଭୁଲିଯାଉ। ସେଥିପାଇଁ ଏହାକୁ ମଧ୍ୟ ଦୃଷ୍ଟିରେ ରଖି ପ୍ରଥମ ଥର ଏହି ୱାକାଥନ୍ ବା ରାଲିରେ ମହିଳାମାନେ ଶାଢ଼ି ପିନ୍ଧି ଚାଲିଥିଲେ। ଶତାଧିକ ମହିଳା ଗୋଟିଏ ଜାଗାରେ ଏକଜୁଟ ହେବା ସହ ଶାଢ଼ି ପିନ୍ଧି ଏକସଙ୍ଗରେ ନାରା ଦେଇ ବିଶାଳ ରାଲିରେ ସାମିଲ ହୋଇଥିଲେ।

ବାଲେଶ୍ୱର ଏସପି ଆଇପିଏସ ସାଗରିକା ନାଥଙ୍କ ନେତୃତ୍ୱରେ ପ୍ରଥମ ଥର ଏଠାରେ ଆୟୋଜିତ ହୋଇଛି ଶାଢୀ ୱାକାଥନ୍। ଏହି ୱାକାଥନ୍ ରେ ଏକ ହଜାରରୁ ଅଧିକ ମହିଳା ଶାଢୀ ପିନ୍ଧି ସାମିଲ ହୋଇଥିଲେ। ବାଲେଶ୍ୱର ପୁଲିସ ଓ 'ଦେଶୀ ୱମାନିଆ'ର ମିଳିତ ସହଯୋଗରେ ଆୟୋଜିତ ଏହି ୱାକାଥନ୍ ସହରର ସିଦ୍ଧି କଲ୍ୟାଣ ମଣ୍ଡପରୁ ଆରମ୍ଭ ହୋଇ ବିବେକାନନ୍ଦ ମାର୍ଗ ଦେଇ ଫାଣ୍ଡି ଛକ, ଫକୀରମୋହନ ଗୋଲେଇ, ଷ୍ଟେସନ ଛକ ଦେଇ ପୁଲିସ୍ ଲାଇନ୍ ପଡ଼ିଆରେ ପହଞ୍ଚିଥିଲେ। ଏହି ୱାକାଥନ୍‌ରେ ସ୍କୁଲ୍ ଛାତ୍ରୀମାନେ ବିଭିନ୍ନ ବେଶ ଧାରଣ କରି ବିଭିନ୍ନ ବାର୍ତ୍ତା ପ୍ରଦାନ କରିଥିଲେ। ଏଥିସହିତ କିଛି ମହିଳାମାନେ ବାଇକ୍ ରେ ଦୁଃସାହସିକ ଷ୍ଟଣ୍ଟ ପ୍ରଦର୍ଶିତ କରିଥିଲେ। ଯାହାକୁ ସହରବାସୀ ବେଶ୍ ପ୍ରଶଂସା କରିଥିଲେ। ଏହି ପରିପ୍ରେକ୍ଷୀରେ ସହଦେବଖୁଣ୍ଟା ପୁଲିସ ଷ୍ଟେସନ ଏବଂ ଷ୍ଟେସନ୍ ଛକ ନିକଟରେ ସମସ୍ତଙ୍କୁ ପାଣି ପ୍ରଦାନ କରାଯାଇଥିଲା। ପରେ ପୁଲିସ ଲାଇନ୍ ପଡ଼ିଆରେ ଏକ ସଭା ଆୟୋଜିତ କରାଯାଇଥିଲା। ପ୍ରାରମ୍ଭରେ ଅମୃତାଂଶୁ ପଟ୍ଟନାୟକ ଓ ତାଙ୍କ ଗ୍ରୁପ୍ ଦ୍ୱାରା ସ୍ୱାଗତ ସଙ୍ଗୀତ ମହିଳା ଦିବସକୁ ନେଇ ଗାନ କରାଯାଇଥିଲା। ଦେଶୀ ୱମାନିଆ'ର ରିତୁ ଝଲାନିଙ୍କ ଅଧ୍ୟକ୍ଷତାରେ ଏକ ଫଟୋ ଇନସପାୟାର ଇନକ୍ଲୁସନ୍ ହୋଇଥିଲା। ଏଥିରେ ଏସପି ସାଗରିକା ନାଥଙ୍କ ସମେତ କାର୍ଯ୍ୟକ୍ରମ ଆୟୋଜକ ସିଟି ଡିଏସପି ଗାୟତ୍ରୀ ପ୍ରଧାନ, ସହଦେବଖୁଣ୍ଟା ଆଇଆଇସି ପ୍ରଜ୍ଞା ମହାନ୍ତି, 'ଦେଶୀ ୱମାନିଆ'ର ରଶ୍ମିତା ବିଶ୍ୱାଳ, ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରତିଭା ମଞ୍ଜରୀ ଦାସ, ଫକୀରମୋହନ ମେଡିକାଲ କଲେଜ ଓ ହସପିଟାଲର ପ୍ରଶାସନିକ ଅଧିକାରୀ ମନୋରମା ଭୂୟାଁ ଓ ଅନ୍ୟମାନେ ମଞ୍ଚରେ ଉପସ୍ଥିତ ରହିଥିଲେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଓ ସଫଳତା ପାଇଁ ସମାଜ ପାଇଁ ପ୍ରେରଣା ସାଜିଥିବା ପ୍ରାୟ ୨୨ ଜଣ ମହିଳାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାବ୍ୟତୀତ ନୃତ୍ୟାୟନ ଟିମ୍ ଏବଂ ଫାଷ୍ଟର୍ ଆଣ୍ଡ ରୋଲର୍ ଗ୍ରୁପ୍ ପକ୍ଷରୁ ନୃତ୍ୟ ପରିବେଷଣ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ମହିଳାମାନଙ୍କ ଉଦ୍ଦେଶ୍ୟରେ ଡ. ରିଚା ରୋଜାଲିନ କର୍କଟ ସଚେତନତା ବାର୍ତ୍ତା ପ୍ରଦାନ କରାଥିଲେ। ବରିଷ୍ଠ ଆଇନଜୀବୀ ସ୍ନେହଲତା ଦାସ ମହିଳାମାନଙ୍କ ଆଇନ ଓ ଅଧିକାର ବାବଦରେ ବକ୍ତବ୍ୟ ରଖିଥିଲେ।

ପୁଲିସ୍ ଲାଇନ୍ ପଡ଼ିଆରେ ସାନିଟାରୀ ନାପକିନ୍ ର ଏକ ଷ୍ଟଲ୍ ପଡ଼ିଥିଲା। ଯେଉଁଠି ମହିଳାମାନଙ୍କୁ ଏହି ବାବଦରେ ସଚେତନ କରାଯାଉଥିଲା। ଏଥିସହ ସେଲଫି ପଏଣ୍ଟରେ ମହିଳାମାନେ ଫଟୋ ମଧ୍ୟ ଉଠାଇଥିଲେ। ଏହି ୱାକାଥନ୍ ରେ ମିଶନ ଶକ୍ତି ମହିଳାମାନଙ୍କଠୁ ଆରମ୍ଭ କରି ସ୍ୱୟଂ ସହାୟିକା ଗୋଷ୍ଠୀ, ଶିକ୍ଷୟିତ୍ରୀ, ଗୃହିଣୀ, କର୍ମଜୀବୀ ମହିଳା, ଅଙ୍ଗନବାଡ଼ି କର୍ମୀ, ସ୍କୁଲ, କଲେଜ ଓ ବିଶ୍ୱବିଦ୍ୟାଳୟ ଛାତ୍ରୀ ଏବଂ ବିଭିନ୍ନ ସଂଗଠନର ମହିଳାମାନେ ସାମିଲ ହୋଇଥିଲେ।

## ବଡ଼ ସ୍ୱପ୍ନ ଦେଖନ୍ତୁ, ଆଗାମୀ ପିଢ଼ିକୁ ଅନୁଭୂତି ବାଣ୍ଟନ୍ତୁ: ଏସ୍‌ପି

ଜଣେ ନାରୀ ଆଉ ଜଣେ ନାରୀକୁ ସହଯୋଗ କଲେ ସେଠାରେ ମ୍ୟାଜିକ ହୋଇଯାଏ। ତେଣୁ ମୁଁ ଦୁଇଟି କଥା କହିବି। ଜୀବନରେ କିଛି ବି ହାସଲ କରିବାକୁ ହେଲେ ବଡ଼ ସ୍ୱପ୍ନ ଦେଖନ୍ତୁ। ଲୋକମାନେ ଛୋଟ ସ୍ୱପ୍ନ ଦେଖନ୍ତି ସେଥିପାଇଁ ଛୋଟ ଖୁସି ହୁଅନ୍ତି। କିନ୍ତୁ ବଡ଼ ସ୍ୱପ୍ନ ଦେଖିଲେ ହିଁ ତାହା ଚିନ୍ତାରେ ପରିଣତ ହୁଏ। ପରେ ଏହା କର୍ମରେ ବି ପରିଣତ ହୁଏ। ମୋତେ ଆପଣ ଉଦାହରଣ ଭାବେ ନେଇପାରିବେ। ଆପଣଙ୍କ ଭଳି ମୁଁ ବି ଓଡ଼ିଶାର ଗୋଟେ ଛୋଟ ସ୍କୁଲରୁ ପାଠ ପଢ଼ିଥିଲି। ମୋର ଗୋଟେ ହିଁ ସ୍ୱପ୍ନ ଥିଲା କି ଆଇପିଏସ୍ ଅଫିସର୍ ହେବି। ସେଥିପାଇଁ ଆଜି ଆପଣମାନଙ୍କ ସମ୍ମୁଖରେ ଛିଡ଼ାହୋଇ କିଛି କହିପାରୁଛି। ଆପଣଙ୍କ ଭଳିଆ ଏକ ଛୋଟ ସ୍କୁଲରୁ ପାଠ ପଢ଼ି ଅଲ୍ ଇଣ୍ଡିଆ ୧୯ ୯ ରାଙ୍କ୍ ରଖିଥିଲି। ତେଣୁ ତୁମେ ଯଦି ସ୍ୱପ୍ନ ଦେଖିବ ତାହେଲେ କୌଣସି ବି ଲିମିଟ୍ ନାହିଁ ଆମ ସଫଳତାର। ଦ୍ୱିତୀୟ କଥା ହେଉଛି ଏଠାରେ ବହୁତ ମହିଳା ଏସଏଚ୍‌ଜିରୁ ଆସିଛନ୍ତି, ବହୁତ ମହିଳା ଗୃହିଣୀ ବି ଅଛନ୍ତି। ତେବେ ସମସ୍ତଙ୍କ ପାଖରେ କିଛି ନା କିଛି ଗୁଣ ବା ଅନୁଭୂତି ରହିଛି। ତେବେ ଆମର ଆଗାମୀ ଦାୟିତ୍ୱ ହେଉଛି ପେ ଇଟ୍ ଫରୱାର୍ଡ୍। ଆଗାମୀ ପିଢ଼ିକୁ ଏହା ଦେବା ଆବଶ୍ୟକ। କାରଣ ନାରୀ ଆଉ ଜଣେ ନାରୀକୁ ସହଯୋଗ କରିବା ଦରକାର ବୋଲି ଏସ୍‌ପି ସାଗରିକା ନାଥ କହିଥିଲେ।

# ଜିଲ୍ଲା କଂଗ୍ରେସ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

**ବାଲେଶ୍ୱର, ୧୦।୩ (ସମିସ):** ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ପରିସରରେ କଂଗ୍ରେସ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଜିଲ୍ଲା କଂଗ୍ରେସ ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗର ଅଧ୍ୟକ୍ଷ ବିକାଶ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ଯୁବ କଂଗ୍ରେସ ସଭାପତି ରଞ୍ଜନ ଦାସ ଏବଂ ଛାତ୍ର କଂଗ୍ରେସ ସଭାପତି ଗୌତମ ସାହୁ ଉପସ୍ଥିତ ଥିଲେ। ଏହି ଅବସରରେ କୁହାଯାଇଛି ଯେ, ଭାରତ ଯୋଡ ନ୍ୟାୟ ଯାତ୍ରା ଅବସରରେ ରାହୁଲ ଗାନ୍ଧୀ ଦେଶର ଯୁବବର୍ଗଙ୍କ ପ୍ରତି ହେଉଥିବା ଅନ୍ୟାୟର ସ୍ୱର ଉଠାଇଛନ୍ତି। ମୋଦି ସରକାର ୧୦ବର୍ଷ ଶାସନ ପରେ ବି କେବଳ ବିଭିନ୍ନ କେନ୍ଦ୍ରୀୟ ମନ୍ତ୍ରାଳୟ ଓ ବିଭାଗର ୧୦ ଲକ୍ଷରୁ ଅଧିକ ପଦବୀ ଖାଲି ପଡ଼ିଛି। ସେହିପରି ଶିକ୍ଷା, ସ୍ୱାସ୍ଥ୍ୟ, ପୁଲିସ ବିଭାଗ ଓ ସେନା ବାହନୀରେ ଲକ୍ଷ ଲକ୍ଷ ପଦବୀ ପୂରଣ ହୋଇପାରି ନାହିଁ। ଏହି ସବୁ ପଦବୀ ପୂରଣ କରିବାରେ କେନ୍ଦ୍ର ସରକାର ବିଫଳ ହୋଇଛନ୍ତି। ଏଣୁ କଂଗ୍ରେସ କ୍ଷମତାକୁ ଆସିଲେ ପ୍ରଥମେ ସ୍ନାତକ ଓ ଡିପ୍ଲୋମାଧାରୀଙ୍କୁ ଚାକିରି ପ୍ରଦାନ କରାଯିବା ସହ କୁଶଳୀ ଶ୍ରମିକ, ଅସ୍ଥାୟୀ କର୍ମଚାରୀଙ୍କୁ ଆର୍ଥିକ ଓ ସାମାଜିକ ସୁରକ୍ଷା ସହ ଷ୍ଟାର୍ଟଅପ ପାଇଁ ଯୁବ ବର୍ଗଙ୍କ ନିମନ୍ତେ ୫ହଜାର କୋଟିର କର୍ପସ ପାଣ୍ଠି କରାଯିବ ବୋଲି କୁହାଯାଇଛି। ବିଶେଷ କରି ଯେଉଁମାନଙ୍କ ବୟସ ୨୫ବର୍ଷରୁ କମ ହୋଇଥିବା ସେମାନଙ୍କୁ ବିଭିନ୍ନ ସରକାରୀ ଓ ଘରୋଇ ଅନୁଷ୍ଠାନରେ ପ୍ରଥମେ ଚାକିରି ପ୍ରଦାନ କରାଯିବ। ଯାହାଦ୍ୱାରା ସେମାନେ ବାର୍ଷିକ ଅତିକମରେ ୧ଲକ୍ଷ (ମାସିକ ୮, ୪୦୦)ଟଙ୍କା ରୋଜଗାର କରିପାରିବେ ବୋଲି କୁହାଯାଇଛି। ଏହା ବ୍ୟତିତ ରାହୁଲ ଗାନ୍ଧୀ ଦେଇଥିବା ଗ୍ୟାରେଂଟି ମଧ୍ୟରେ ଯେଉଁ ପ୍ରମୁଖ କଥା ରହିଛି ସେଗୁଡିକ ହେଲା ନିଯୁକ୍ତି ଭରସା, ପ୍ରଶ୍ନପତ୍ର ପ୍ରଘଟ ବନ୍ଦ, ଅସ୍ଥାୟୀ କର୍ମଚାରୀ ଓ କୁଶଳୀ ଶ୍ରମିକଙ୍କ ସାମାଜିକ ନିରାପତ୍ତା ଆଦି ରହିଛି ବୋଲି ଏହି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି।

## ବିଶ୍ୱେଶ୍ୱର ଶିବମନ୍ଦିରକୁ ୨ ଲକ୍ଷ ଅନୁଦାନ

**ବାଲେଶ୍ୱର, ୧୦।୩(ସମିସ):** ମିର୍ଜାପୋଖରୀସ୍ଥିତ ମିଶ୍ରସାହିରେ ଥିବା ଶ୍ରୀ ଶ୍ରୀ ବିଶ୍ୱେଶ୍ୱର ଶିବମନ୍ଦିରରେ ଜାଗର ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସଦର ବିଧାୟକ ସ୍ୱରୂପ ଦାସ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ପୂଜାର୍ଚ୍ଚନା କରିଥିଲେ। ମନ୍ଦିରର ଉନ୍ନତି ପାଇଁ ବିଧାୟକ ପାଣ୍ଠିରୁ ଦୁଇଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରିଥିବାରୁ ମନ୍ଦିର କମିଟି ତରଫରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମନ୍ଦିର କମିଟିର ଆବାହକ ଗୌର ସାଧନ ମିଶ୍ର, ବରିଷ୍ଠ ସଦସ୍ୟ ଶଶୀଭୂଷଣ ପାଣିଗ୍ରାହୀ, ଗୌରହରି ମିଶ୍ର, ଶାନ୍ତି ସ୍ୱରୂପ ମିଶ୍ର, ଜଗବନ୍ଧୁ ଦାଶ, ଗୌର ସୁନ୍ଦର ମିଶ୍ର ଓ ବହୁ ଭକ୍ତଙ୍କ ସହଯୋଗରେ ଜାଗର ଯାତ୍ରା ସୁରୁଖୁରୁରେ ସମ୍ପନ୍ନ ହୋଇଯାଇଛି।

## ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀଙ୍କ ଜିଲ୍ଲାସ୍ତରୀୟ ବୈଠକ

**ବାଲେଶ୍ୱର, ୧୦।୩(ସମିସ):** ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ଅବସରପ୍ରାପ୍ତ କର୍ମଚାରୀ ସଂଘର ଜିଲ୍ଲାସ୍ତରୀୟ ବୈଠକ ପଦୁଆଁପଦାସ୍ଥିତ ଉଠାଜଳସେଚନ କର୍ମଚାରୀ ଭବନରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଭାପତି ବୈକୁଣ୍ଠନାଥ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆବାହକ, ଜିଲ୍ଲା ସଂଯୋଜକ ତଥା ରାଜ୍ୟ ଏକ୍‌ଜିକ୍ୟୁଟିଭ୍ ମେମ୍ବର ପ୍ରତାପ ଚନ୍ଦ୍ର ନାୟକ ସ୍ୱାଗତ ଜଣାଇ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଜାତୀୟକରଣ ବ୍ୟାଙ୍କରେ ଗ୍ରାହକମାନଙ୍କୁ ଦୀର୍ଘବର୍ଷ ସେବା ପ୍ରଦାନ କରିଥିବା ବ୍ୟାଙ୍କ୍‌ମାନଙ୍କର ସବୁ ବର୍ଗର କର୍ମଚାରୀମାନେ ଅବସରନେବା ପରେ ମୂଳ ପେନସନ୍-ବୃଦ୍ଧି କରାଯାଇନାହିଁ। କେନ୍ଦ୍ର ଓ ରାଜ୍ୟ ସରକାରୀ ଅବସରପ୍ରାପ୍ତ କର୍ମଚାରୀମାନଙ୍କ ବେତନ କମିଶନରଙ୍କ ସୁପାରିସ କ୍ରମେ ପେନସନ୍ ବୃଦ୍ଧି ହେଉଥିବାବେଳେ ବ୍ୟାଙ୍କ୍ କର୍ମଚାରୀମାନେ ଅବସର ନେବା ଦିନ ଯେଉଁ ପରିମାଣର ମୂଳ ପେନସନ୍ ଧାର୍ଯ୍ୟ କରାଯାଇଥିଲା ତାହା ବୃଦ୍ଧି ହେଉନାହିଁ। ରାଜ୍ୟ ଓ ଜାତୀୟସ୍ତରରେ ବ୍ୟଙ୍କ କର୍ତ୍ତୃପକ୍ଷ ଓ ସରକାରଙ୍କୁ ବହୁବାର ଆବେଦନ ନିବେଦନ କଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ ବୋଲି ରାଜ୍ୟ ସମ୍ପାଦକ ଲକ୍ଷ୍ମଣ କୁମାର ସେଠି, ସହସମ୍ପାଦକ ବିଜୟ କୁମାର ପଟ୍ଟନାୟକ ଓ ଡି.ଏସ୍. ଆଚାରୀ ପ୍ରମୁଖ ଅଭିଯୋଗ କରିଥିଲେ। ଦୀର୍ଘଦିନର ଦାବିପରେ ବ୍ୟାଙ୍କ କର୍ତ୍ତୃପକ୍ଷ ଓ ସରକାର ଯେଉଁ ସ୍ୱଳ୍ପ ପରିମାଣର ଏକ୍ସଗ୍ରାସିଆ ଘୋଷଣା କରିଛନ୍ତି ତାହା ଅତ୍ୟନ୍ତ ସ୍ୱଚ୍ଛ ଓ ଲଜ୍ଜାଜନକ ବୋଲି ବହୁ ସଦସ୍ୟ ମତବ୍ୟକ୍ତ କରିଥିଲେ।

# ସ୍ମୃତିସଭା ଓ ସ୍ମରଣିକା ଉନ୍ମୋଚନ



**ବାଲେଶ୍ୱର, ୧୦।୩(ସମିସ):** ପ୍ରାଧାପିକା ସ୍ୱର୍ଗତ ରାଜଲକ୍ଷ୍ମୀ ମହାନ୍ତିଙ୍କ ଉଦ୍ଦେଶ୍ୟରେ ଏକ 'ସ୍ମୃତିସଭା ଓ ସ୍ମରଣିକା ଉନ୍ମୋଚନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆଜି ସନ୍ଧ୍ୟାରେ ସହରର ଓଟି ରୋଡ ଅଞ୍ଚଳରେ ଥିବା ଏକ କଲ୍ୟାଣ ମଣ୍ଡପରେ ସ୍ମୃତିସଭା ଆୟୋଜିତ ହୋଇଥିଲା। ସାମ୍ବାଦିକ କିଶୋର ଦାସ ଏଥିରେ ପୌରୋହିତ୍ୟ କରିଥିଲେ। ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଜିଲ୍ଲାପରିଷଦ ସଭାପତି ନାରାୟଣ ଚନ୍ଦ୍ର ପ୍ରଧାନ, ସଦର ବିଧାୟକ ସ୍ୱରୁପ କୁମାର ଦାସ, ବ୍ରିଟ୍ ଅଧ୍ୟକ୍ଷ ଆଲୋକ କୁମାର ସାହୁ, ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ବିଜେଡି ଯୁବନେତା ଶୁଭେନ୍ଦୁ ଦାସ ମଙ୍ଗରାଜ, ଡ. ପ୍ରହଲାଦ ଚରଣ ମହାନ୍ତି, 'ଆଜିକାଲି'ର ପରିଚାଳନା ସମ୍ପାଦକ ଲକ୍ଷ୍ମୀନାରାୟଣ ମହାନ୍ତି, ସ୍ୱର୍ଗତ ରାଜଲକ୍ଷ୍ମୀ ମହାନ୍ତିଙ୍କ ସ୍ୱାମୀ ସୁଧାଂଶୁ ଶେଖର ଦାସ, ଆଇଡ୍ବିବି ହରେକୃଷ୍ଣ ଦାଶ, ରେମୁଣା ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର ରାଉତ୍, ଅଞ୍ଜଳି ପଣ୍ଡା, ସାମ୍ବାଦିକ ବିପ୍ଳବ କୁମାର ମହାନ୍ତି, ଡ.ବଂଶୀଧର ଚୌଧୁରୀ ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗ ଦେଇ ସ୍ୱର୍ଗୀୟା ରାଜଲକ୍ଷ୍ମୀ ମହାନ୍ତି ତାଙ୍କର ଉତ୍ତମ ବ୍ୟବହାର ପାଇଁ ଛାତ୍ରଛାତ୍ରୀ ଏବଂ ଅଧ୍ୟାପକ, ଅଧ୍ୟାପିକା ଏବଂ ଅଭିଭାବକ ସମସ୍ତଙ୍କ ପ୍ରିୟଭାଜନ ହୋଇ ପାରିଥିଲେ ବୋଲି କହିଥିଲେ। ଏହି ଅବସରରେ 'ରାଜଲକ୍ଷ୍ମୀ ମହାନ୍ତି ସ୍ମାରକୀ ସଂଗୋଷ୍ଠୀ' ପକ୍ଷରୁ ପ୍ରକାଶିତ ସ୍ମରଣିକା 'ଆମ ଡଲି ଦେଇ' (ରାଜଲକ୍ଷ୍ମୀ) ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ରଶ୍ମିତା ମହାନ୍ତି, ଦିବ୍ୟଜ୍ୟୋତି ମହାନ୍ତି, ଜ୍ୟୋତିରାଦିତ୍ୟ ମହାନ୍ତି, ସୌଭାଗିନୀ ମହାନ୍ତି, ପ୍ରଦୀପ କୁମାର ମହାନ୍ତି, ଭାଗ୍ୟଲକ୍ଷ୍ମୀ ମହାନ୍ତି, ରଶ୍ମିଦେବ ମହାନ୍ତି, ବନଲକ୍ଷ୍ମୀ ମହାନ୍ତି, ଡ. ସୌଭାଗ୍ୟଲକ୍ଷ୍ମୀ ମହାନ୍ତି, ଏନ୍.ଶ୍ୱେତା ଅଭୟଲକ୍ଷ୍ମୀ, ଏନ୍.ସ୍ୱାତୀ ଅଭୟଲକ୍ଷ୍ମୀ, ଅଭୟ କୁମାର ନାୟକ, ନିବେଦିତା ମହାନ୍ତି, ମଧୁସ୍ମିତା ମହାନ୍ତି, ଡ. ପ୍ରଶାନ୍ତ ମହାନ୍ତି, ପୁଣ୍ୟବ୍ରତ ମହାନ୍ତି, ଡ.ଶ୍ରୀକାନ୍ତ ମହାନ୍ତି, ଇଂ ନିର୍ମାଲ୍ୟ ମହାନ୍ତିଙ୍କ ସମେତ ପରିବାର, ବନ୍ଧୁବର୍ଗ ଓ ଆତ୍ମୀୟ ସ୍ୱଜନ ମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ବିଶ୍ୱ ମହିଳା ଦିବସ ପାଳିତ

**ବାଲେଶ୍ୱର, ୧୦।୩(ସମିସ):** 'ବିଶ୍ୱ ମହିଳା ଦିବସ' ଅବସରରେ ବାଲେଶ୍ୱର ପୌରାଂଚଳର୨୩ନମ୍ବର ୱାର୍ଡ ଚାନ୍ଦମାରି ପଡ଼ିଆସ୍ଥିତ ମା' ଅନ୍ନପୂର୍ଣ୍ଣା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ସ୍ଥାନୀୟ ବ୍ୟାସକବି ନଗର ମଣ୍ଡପରେ 'ମହିଳା ଦିବସ' ପାଳନର ତାତ୍ପର୍ଯ୍ୟ ଶୀର୍ଷକରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଦାରିଦ୍ର୍ୟ ସୀମାରେଖା ତଳେ ଥାଇ ନିଜ ଉଦ୍ୟମରେ ଛୋଟଛୋଟ ବ୍ୟବସାୟ କରି ସ୍ୱାବଲମ୍ବୀ ହୋଇଥିବାରୁ ଶାନ୍ତିଲତା ନାଥ, ଗୋଲାପ ଦାସ, ବିନତୀ ମୁର୍ମୁ, ଲାବଣ୍ୟ ରାଉତଙ୍କୁ ଓ ସମାଜସେବା ପାଇଁ ସରସ୍ୱତୀ ପଣ୍ଡା ଓ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ରାଜଧାନୀରେ ଗଣଧାରଣା, ବାଲେଶ୍ୱରରେ ଆମରଣ ଅନଶନ ଏବଂ ଜିଲ୍ଲା ପରିକ୍ରମାରେ ସକ୍ରିୟ ଅଂଶଗ୍ରହଣ କରିଥିବା କନକ ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ସାମାଜିକ କର୍ମୀ ଗୌରାଙ୍ଗ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସରସ୍ୱତୀ ପଣ୍ଡା, କନକ ପାଣିଗ୍ରାହୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଭାନେତ୍ରୀ ନିବେଦିତା ପଣ୍ଡା, ସମ୍ପାଦିକା ପ୍ରତିମା ପରିଡ଼ା ଓ ରୟାଲ କ୍ଲବର ସଭାପତି ଭଗବାନ ମହନୀ ପ୍ରମୁଖ ଆଲୋଚନା କରିଥିଲେ। ରୟାଲ କ୍ଲବ ପକ୍ଷରୁ ନିର୍ମିତ ଦ୍ୱିତଳ ଗୃହର ଏକ କୋଠରୀକୁ ସ୍ଥାନୀୟ ମହିଳାମାନଙ୍କ ବୈଠକ ଓ ଆଲୋଚନା ପାଇଁ ବିଶ୍ୱ ମହିଳା ଦିବସ ଅବସରରେ ପ୍ରଦାନ କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମକୁ ବନିତା ମହାନ୍ତି, ଲିସା ଜେନା, ଅର୍ଚ୍ଚନା ବେହେରା, ମମତା ମହାନ୍ତି, ରାଧା ଜେନା, ଅଞ୍ଜଳି ରାସବାଲିଆ, ସୁକାନ୍ତି ମାଝୀ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ଅଞ୍ଜଳି ସେନାପତ ଧନ୍ୟବାଦ ଦେଇଥିଲେ।

# ରାସ୍ତାର ଶିଳାନ୍ୟାସ କଲେ ବିଧାୟକ



**ବାଲେଶ୍ୱର, ୧୦।୩ (ସମିସ):** ସହଦେବଖୁଣ୍ଟା ୨୩ନମ୍ବର ୱାର୍ଡରେ ଏକ କଂକ୍ରିଟ ରାସ୍ତାର ଶିଳାନ୍ୟାସ କରିଛନ୍ତି ସଦର ବିଧାୟକ ସ୍ୱରୂପ ଦାସ। ଏହି ରାସ୍ତା ପାଇଁ ୩୪ଲକ୍ଷରୁ ଅଧିକ ଟଙ୍କା ବ୍ୟୟ ବରାଦ ହୋଇଛି। ବିଶ୍ୱଗୁରୁ ପ୍ରେସ ଠାରୁ ଶ୍ରୀ ଶ୍ରୀ ଲୋକନାଥ ମନ୍ଦିର ପର୍ଯ୍ୟନ୍ତ ଏହି ରାସ୍ତା ନିର୍ମାଣ କରାଯିବ। ଆଜିର ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ସ୍ଥାନୀୟ କାଉନସିଲର ମୀନା ମହାନ୍ତି, ପୂର୍ବତନ କାଉନସିଲର ସଞ୍ଜୟ ବେହେରା, ମନୋଜ ରାଉତ, ଶେଖ ଆୟୁବ, ୱାର୍ଡ ସଭାପତି ଦେବେନ୍ଦ୍ର ସାହୁ, ଅଶୋକ ସାହୁ, ଶୈଳେନ୍ଦ୍ର ସିଂହ, ସନ୍ତୋଷ ମହାନ୍ତି, ଦେବରାଜ ପାଲ, ଅଜୟ ଜେନା, ନିରାକାର ଦାସ, ବସନ୍ତ ପଣ୍ଡା, ଉପେନ୍ଦ୍ର ନାଥ ସାହୁ, ଭଗବାନ ଚନ୍ଦ୍ର ସାହୁ, ନିରାକାର ରାଉତ, ବବି ଦାସ, ଚେମା ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଗ୍ରାମୀଣ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



ବାଲେଶ୍ୱର, ୧୦।୩(ସମିସ):

ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଗ୍ରାମୀଣ ଫୁଟବଲ ଟୁର୍ଣ୍ଣାମେଣ୍ଟ ୨୦୨୩-୨୪ ଉଦ୍‌ଯାପିତ ହୋଇଯାଇଛି। ବାରିପଦାସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ଗ୍ରାମୀଣ ଫୁଟବଲ ଟୁର୍ଣ୍ଣାମେଣ୍ଟର ବିଜେତା ଓ ଉପବିଜେତାଙ୍କ ସହ ଫକୀରମୋହନ ବିଶ୍ୱବିଦ୍ୟାଳୟ ଦ୍ୱାରା ଆୟୋଜିତ ଟୁର୍ନାମେଣ୍ଟର ବିଜେତା ଓ ଉପବିଜେତା ଯଥାକ୍ରମେ ବାଲିଆପାଳ ଓ ଜଳେଶ୍ୱର ଦଳର ଦୁଇଟି ସେମିଫାଇନାଲ ଓ ଅନ୍ତିମ ଫାଇନାଲ ମ୍ୟାଚ ଖେଳାଯାଇଥିଲା। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ସହ କୁଳସଚିବ କୁକୁମୀନା ଦାସ ଓ ଉପସ୍ଥିତ ଅତିଥିମାନେ ଶୁଭେଚ୍ଛା ଜ୍ଞାପନ କରିବିଜେତା ଦଳ ବ୍ଲକ ବାଲିଆପାଳକୁ ଟ୍ରଫି ସହ ୧୦୦୦୦ ଅର୍ଥରାଶି ପୁରସ୍କାର ପ୍ରଦାନ କରିଥିଲେ। ଉପବିଜେତା ଓ ଅନ୍ୟ ଦୁଇଟି ଦଳକୁ ୭୦୦୦ ଓ ୫୦୦୦ ଅର୍ଥରାଶି ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଉତ୍ସବରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର କୁମର ବର ଦାସ, ପ୍ରାଧ୍ୟାପକ ବାବାଜୀ ଚରଣ ପଟ୍ଟନାୟକ, ପ୍ରାଧ୍ୟାପକ ନଟବର ଶତପଥୀ, ପ୍ରାଧ୍ୟାପକ କୃଷ୍ଣଚନ୍ଦ୍ର ପ୍ରଧାନ, ଫକୀରମୋହନ ବିଶ୍ୱବିଦ୍ୟାଳୟର କ୍ରୀଡା ନିର୍ଦ୍ଦେଶକ ପ୍ରଫେସର ଭାସ୍କର ବେହେରା, ଉପନିର୍ଦ୍ଦେଶକ ଡକ୍ଟର ଅମିତ କୁମାର ଶର୍ମା ଏବଂ ଶାରୀରିକ ଶିକ୍ଷା ଅଧିକାରୀ ସଂଗ୍ରାମ ବିଶୋଇ ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ। ଏହି ଟୁର୍ଣ୍ଣାମେଣ୍ଟର ସମସ୍ତ ଧାରା ବିବରଣୀ ପ୍ରସାରଣ କାର୍ଯ୍ୟକ୍ରମକୁ ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ଛାତ୍ର ଜି ଏସ ରଜତ ଦଳେଇ ଉପସ୍ଥାପନ କରିଥିଲେ।

## ଜଳିଗଲେ ୨୨ ଛେଳି, ୩ ଗୋରୁ

**ରୂପସା, ୧୦।୩(ସମିସ):** ବସ୍ତା ଥାନା ଶ୍ରୀରାମପୁର ପଞ୍ଚାୟତ ବଳବୁନ୍ଦି ଗ୍ରାମରେ ଆଜି ଏକ ଗୁହାଳ ଘରେ ଭୟାବହ ଅଗ୍ନିକାଣ୍ଡ ଘଟି ୨୨ଟି ଛେଳି ଓ ୩ଟି ଗୋରୁ ଜଳି ଯାଇଥିବା ବେଳେ ଅଳ୍ପକେ ପରିବାର ଲୋକେ ରକ୍ଷା ପାଇଯାଇ ଛନ୍ତି। ଏହି ଗ୍ରାମର କୈଳାସ ମଲ୍ଲିକଙ୍କ ଗୁହାଳରେ ଶନିବାର ବିଳମ୍ବିତ ରାତିରେ ନିଆଁ ଲାଗିବା ସହିତ ଗୁହାଳ ପାଖରେ ସେ ରହୁଥିବା ଏକ ପଲା ଘର ମଧ୍ୟ ଅଧା ଜଳି ଯାଇଥିଲା। ଏହି ଅଗ୍ନିକାଣ୍ଡରେ ତାଙ୍କର ୨୨ଟି ଛେଳି ସହିତ ଦୁଇଟି ଗାଈ ଓ ଗୋଟିଏ ବାଛୁରୀ ଜିଅନ୍ତା ଜଳି ଯାଇଛନ୍ତି। ଘରର ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି। ପରିବାର ଲୋକେ ନିଆଁକୁ ଆୟତ୍ତ କରିବା ପାଇଁ ଚେଷ୍ଟା କରିବା ସହିତ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଘଟଣା ସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କୈଳାସଙ୍କ ପରିବାର ଛେଳି ଚାଷ କରି ପରିବାର ପ୍ରତିପୋଷଣ କରନ୍ତି। ଆଜି ସକାଳେ ଏକ ବିବାହ ଭୋଜିକୁ କିଛି ଛେଳି ବିକ୍ରି କରିବା ପାଇଁ ସେ କିଛିଦିନ ତଳେ ଜଣେ ବେପାରୀଙ୍କ ଠାରୁ ଟଙ୍କା ଆଗୁଆ ଆଣିଥିଲେ। ମାତ୍ର ଏହି ଦୁର୍ଘଟଣା ପରେ ପରିବାର ଲୋକେ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିବା ବେଳେ ଛେଳି ବେପାରୀ ଜଣକ ମଧ୍ୟ ହତାଶ ହୋଇ ଫେରି ଆସିଥିଲେ। ଖବର ପାଇ ସ୍ଥାନୀୟ ସରପଞ୍ଚ ଲକ୍ଷ୍ମୀକାନ୍ତ ଜେନା, ରୂପସା ଆର ଆଇ ଶୁଭେନ୍ଦୁ ମହାନ୍ତି ଓ ସ୍ଥାନୀୟ ପ୍ରାଣୀ ଚିକିତ୍ସକ ଉଦୟ କୁମାର ଭୋଇ ଘାଟନ ସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ଜଣା ପଡ଼ିଛି। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣା ପଡ଼ିନାହିଁ।

## ସାପୋର୍ଟ ଇଣ୍ଡିଆ ଡେଭଲପ୍‌ମେଣ୍ଟ ପ୍ରୋଗ୍ରାମ

**ବାଲିଆପାଳ, ୧୦।୩ (ସମିସ):** ବାଲିଆପାଳ ବ୍ଲକ ଅନ୍ତର୍ଗତ ଶୁଭମ ଗେଷ୍ଟ ହାଉସ ରେ ସପୋର୍ଟ ଇଣ୍ଡିଆ ଡେଭଲପ ମେଣ୍ଟ ପ୍ରୋଗ୍ରାମ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରୋଗ୍ରାମରେ ସଦସ୍ୟା ଶୁଭଲକ୍ଷ୍ମୀ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମୁଖ୍ୟଅତିଥି ଭାବରେ ସପୋର୍ଟ ଇଣ୍ଡିଆ ଡେଭଲପମେଣ୍ଟର କୋ-ଡାଇରେକ୍ଟର ଏମଡି ନଦିମ, ମୁଖ୍ୟବକ୍ତା ଭାବରେ କୋର କମିଟି ସଦସ୍ୟ ଅନୀଲ କୁମାର ଚୌହ୍ୱାନ ଯୋଗ ଦେଇ କହିଥିଲେ ଯେ ଏହି ଅନ୍ତର୍ଜାତୀୟ ଏନଜିଓ ମାଧ୍ୟମରେ କାର୍ଯ୍ୟ କଲେ ଭାରତରେ ଚାଲୁଥିବା ବିରୋଜଗାରୀ ସମସ୍ୟାର ସମାଧାନ ଏବଂ ହାଇଗ୍ରୋଫନିକ ଏଗ୍ରିକଲଚର କୌଶଳିକ ଚାଷ ପଦ୍ଧତିର ବିନାଶୁଳ୍କରେ ପ୍ରଶିକ୍ଷଣ ଦିଆଯାଇ ଚାଷୀ ପରିବାରଙ୍କୁ ଏନଏସଡିସି ପ୍ରମାଣ ପତ୍ର କରିପାରିବା ସହ ଭାରତରେ ବହୁ ପ୍ରସିଦ୍ଧ ନାର୍ବାଡ ସଂସ୍ଥା, ଆମ୍ରା ସଂସ୍ଥା ଶତକଡା ୩୦ରୁ ୪୦ ପ୍ରତିଶତ ରିହାତି ପାଇଁ ଉକ୍ତ କୌଶଳିକ ଚାଷକୁ ଭାରତ ବର୍ଷରେ କିଭଳି ଭାବରେ ତ୍ୱରାନ୍ୱିତ କରାଯାଇ ଅଧିକରୁ ଅଧିକ ବେକାର ଯୁବକ ଯୁବତୀଙ୍କୁ ବେରୋଜଗାରରୁ ସ୍ୱରୋଜଗାର ପାଇବା ନିମନ୍ତେ ତାଙ୍କ ବକ୍ତବ୍ୟ ରଖିଥିଲେ। ଆଇନଜୀବୀ ଅର୍ଦ୍ଧେନ୍ଦୁ ବାରିକ ମଞ୍ଚ ଆହ୍ୱାନ କରିଥିବା ବେଳେ ବିଜୟ ଦାସ, କାହ୍ନୁଚରଣ ବାରିକ, ବସନ୍ତ ବାରିକ, ଗୀତାଞ୍ଜଳି ବାରିକ, ପ୍ରଦୀପ ନାୟକ, ମୃତ୍ୟୁଞ୍ଜୟ ପାତ୍ର, ହିମାଂଶୁ ଦାସ, ଇନ୍ଦ୍ରଜିତ ପଟ୍ଟନାୟକ, ସୁବ୍ରତ ରାୟ, ଶଶିକାନ୍ତ ବାରିକ, ତପନ ସାହୁ, କବିର ଖାନ, କମଳାକାନ୍ତ ପାତ୍ର, ୟୁଟ୍ୟୁବର ତପନ କୁମାର ଦାସ, ଗୋପାଳ ଖଟୁଆ, ଭବାନୀ ଶଙ୍କର ଦାସ, ଅନୁପମ ବେହେରା, ମନ୍ମଥ ବାରିକ ଓ ପ୍ରଶାନ୍ତ ରାଉତ ପ୍ରମୁଖ ପରିଚାଳନା କରିଥିଲେ।

## ରାସ୍ତାର ଉନ୍ନତିକରଣ ପାଇଁ ଶିଳାନ୍ୟାସ



**ଜଳେଶ୍ୱର ବ୍ଲକ/ଜଳେଶ୍ୱର, ୧୦।୩ (ସମିସ) :** ମହମ୍ମଦ ନଗର ପାଟଣା ଛକ ଠାରୁ ଚାଲନ୍ତି ରାସ୍ତା ଭାୟା:-(ଜଳେଶ୍ୱର ପୁର, କୁବାଡ଼ିଆ, ସେକାସରାଇ) ର ଉନ୍ନତିକରଣ ପାଇଁ ୪ କୋଟି ୪୮ ଲକ୍ଷ ୮୮ ହଜାର ଟଙ୍କାର ପ୍ରକଳ୍ପ ଶିଳାନ୍ୟାସ ଉତ୍ସବ ରବିବାର ପୂର୍ବାହ୍ନରେ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ପର୍ଯ୍ୟଟନ ଓ ଅବକାରୀ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଯୋଗଦେଇ ଆନୁଷ୍ଠାନିକ ଭାବେ ପ୍ରକଳ୍ପର ଭିତିପ୍ରସ୍ତର ସ୍ଥାପନ କରିଥିଲେ। ତଦନୁଯାୟୀ ଉକ୍ତ ରାସ୍ତାର ଉନ୍ନତି କରଣ ସମ୍ପୂର୍ଣ୍ଣ ହେଲେ ଜନସାଧାରଣଙ୍କ ଯାତାୟାତ ସହଜ ହେବ ଓ ଲକ୍ଷ୍ମୀ ବସ ସହ ୪ ଚକିଆ ଯାନ ସହଜରେ ଯାତାୟାତ କରି ପାରିବ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଅନସୂୟା ପ୍ରଧାନ, ବ୍ଲକ ଅଧ୍ୟକ୍ଷ ମାନସ ଜେନା, ବ୍ଲକ ଜୀବନ ବିନ୍ଦୁ ସଂଯୋଜକ ମଧୁସୂଦନ ସେନାପତି, ଶିକ୍ଷାବିତ୍ ତଥା ବିଜେଡି ବରିଷ୍ଠ ନେତା ଲେଳିନ ପ୍ରଧାନ, ସ୍ଥାନୀୟ ସରପଞ୍ଚ ଅରୁଣ ସେନାପତି, ସମିତି ସଭ୍ୟା ସୁଚିତ୍ରା ଦାସ ପ୍ରମୁଖ ଉପସ୍ଥିତ ହୋଇ ବକ୍ତବ୍ୟ ପ୍ରଦାନ କରିଥିଲେ।

## ବିଜେଡିରେ ମିଶିଲେ ବିଜେପି କର୍ମୀ



**ନୀଳଗିରି, ୧୦।୩(ସମିସ):** ନୀଳଗିରି ନିର୍ବାଚନ ମଣ୍ଡଳୀରେ ବିଜେଡ଼ି ଉପସଭାପତି ସନ୍ତୋଷ ଖଟୁଆଙ୍କ ନେତୃତ୍ୱ, ମୁଖ୍ୟମନ୍ତ୍ରୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣୀତ ହୋଇ ଆଜି ଜଡିଦା ପଞ୍ଚାୟତର ପଞ୍ଚାୟତ ପ୍ରଭାରୀ ବିଜୟ ବେହେରା ଓ ପଞ୍ଚାୟତର ବରିଷ୍ଠ ବିଜେଡ଼ି କର୍ମୀ ଭରତ କବାଟ, ବିକାଶ ପତିଙ୍କ ଉଦ୍ୟମ ରେ ଦୁଇ ଜଣ ବରିଷ୍ଠ ବିଜେପି ମହିଳା କର୍ମୀ ସନ୍ଧ୍ୟାରାଣୀ ବେହେରା, ସଂଯୁକ୍ତା ବେହେରା ବିଜେପି ଛାଡି ବିଜେଡିରେ ଯୋଗ ଦେଇଛନ୍ତି। ସେମାନଙ୍କୁ ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ଦଳକୁ ସ୍ୱାଗତ କରାଯାଇଥିଲା।

# ଜୟରାମପୁର ପ୍ରାଥମିକ ଓ ଆରୋଗ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ଲୋକାର୍ପିତ

**ଭୋଗରାଇ, ୧୦।୩ (ସମିସ) :**



ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ସେବା ଯୋଗାଣ କ୍ଷେତ୍ରରେ ଦୀର୍ଘ ଦଶନ୍ଧିର ଦାବି ପୂରଣ ହୋଇଛି। ତତ୍କାଳୀନ ବିଧାୟକ ଡ. କାର୍ତ୍ତିକେଶ୍ୱର ପାତ୍ରଙ୍କ ପ୍ରଚେଷ୍ଟାରେ ଦୀର୍ଘ ୪୦ ବର୍ଷ ପୂର୍ବେ ସରକାରୀ ସ୍ତରରେ ମଞ୍ଜୁରୀ ପାଇଥିବା ଜୟରାମପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବେ ନୂଆ ରୂପରେଖ ନେଇ ଜୟରାମପୁର ପ୍ରାଥମିକ ଓ ଆରୋଗ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ ହୋଇଛି। ଏ ନେଇ ଜୟରାମପୁର ପଞ୍ଚାୟତର ସେହି ଗ୍ରାମ ସ୍ଥିତ କେନ୍ଦୁ ଆଡିଆ ଠାରେ ଦୀର୍ଘ ୪ ବର୍ଷ ପୂର୍ବେ ୫.୬ ଲକ୍ଷ ଟଙ୍କାରୁ ଉର୍ଦ୍ଧ ଅର୍ଥ ବ୍ୟୟରେ ଏହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଗୃହ ନିର୍ମାଣ ସମ୍ପୂର୍ଣ୍ଣ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଏହା କାର୍ଯ୍ୟକ୍ଷମ ହୋଇପାରିନଥିଲା। ଏ ନେଇ ବାରମ୍ବାର ଦାବି ହେବା ପରେ ଭୋଗରାଇ ବ୍ଲକ ଅନ୍ତର୍ଗତ ଜୟରାମପୁର ପ୍ରାଥମିକ ଓ ଆରୋଗ୍ୟ ସ୍ୱାସ୍ଥ୍ୟକେନ୍ଦ୍ର (ନୂତନ) ରବିବାର ଲୋକାର୍ପିତ ହୋଇଛି। ବିଧାୟକ ଅନନ୍ତ ଦାସ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଦୁଲାଲସେନ ଜଗଦେବ ମିଳିତ ଭାବେ ଏହି ନବ ନିର୍ମିତ ଡାକ୍ତରଖାନାକୁ ଲୋକାର୍ପିତ କରିଛନ୍ତି। ଏହି ଅବସରରେ ଡାକ୍ତରଖାନା ପରିସରରେ ଅନୁଷ୍ଠିତ ସଭାରେ ଜୟରାମପୁର ସରପଞ୍ଚ ଦିପ୍ତିରାଣୀ ମିଶ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଅନନ୍ତ ଦାସ, ବିଶିଷ୍ଟ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଦୁଲାଲସେନ ଜଗଦେବ, ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଉପାଧ୍ୟକ୍ଷା ମୀନାରାଣୀ ସାସମଲ, ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡାକ୍ତର କମଳାକାନ୍ତ ଜେନା, ବିପିଏମ କବି ପ୍ରସାଦ ସାହୁ, ଜିଲ୍ଲା ପରିଷଦ ସଦସ୍ୟା ଦମୟନ୍ତୀ ସାହୁ, ବିଧାୟକ ପ୍ରତିନିଧି ଇଂ ଅଭିଜିତ ଦାସ, ପୂର୍ବତନ ଦେହୁର୍ଦ୍ଦା ସରପଞ୍ଚ ରମାକାନ୍ତ କରଣ, ପୂର୍ବତନ ରସଲପୁର ସରପଞ୍ଚ ନିଶିକାନ୍ତ ସାହୁ, ଶିକ୍ଷାବିତ ସୁଧାଂଶୁ ଶେଖର ଜେନା, ଶିକ୍ଷକ ପ୍ରୋଦ୍ୟୋତ ମିଶ୍ର, ସାମ୍ବାଦିକ ବିକାଶ ପାଣିଗ୍ରାହୀ, ସମାଜସେବୀ ବିଦ୍ୟୁତ ସାମଲ, ଜୟରାମପୁର ପିଏଚସିରେ ନବନିଯୁକ୍ତ ଡାକ୍ତର ସୁଶ୍ରୀ କ୍ରୀଷ୍ଣା ପଣ୍ଡା ପ୍ରମୁଖ ଯୋଗ ଦେଇ ଏହି ନୂତନ ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟକ୍ଷମ ହେବା ଫଳରେ ଜୟରାମପୁର, ଗୋପୀନାଥପୁର, ପସରବିନ୍ଧା, କୁମ୍ଭାରଗଡ଼ି ଆଦି ପଞ୍ଚାୟତର ହଜାର ହଜାର ସାଧାରଣ ଜନତାଙ୍କୁ ୨୪ ଘଣ୍ଟିଆ ଉନ୍ନତ ମାନର ସରକାରୀ ଚିକିତ୍ସା ସେବା ମିଳିପାରିବ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଜୟରାମପୁର ପଞ୍ଚାୟତର ୧୦୩ ପରିବାରକୁ 'ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ନବୀନ କାର୍ଡ' ବଣ୍ଟନ କରାଯାଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ରରେ ନବନିଯୁକ୍ତ ଫାର୍ମାସିଷ୍ଟ ଚିନ୍ମୟ ସିଂ, ସିଏଚଓ ସଙ୍ଗୀତା ବାରିକ, କର୍ମଚାରୀ ପ୍ରଶାନ୍ତ ଗିରି ଓ ଗୋବିନ୍ଦ କୁମାର ଗିରି ପ୍ରମୁଖ ପରିଚାଳନା କରିଥିଲେ।

**● ୧୦୩ ପରିବାରକୁ ବିଏସ୍‌କେୱାଇ ନବୀନ କାର୍ଡ ବଣ୍ଟନ**

## ଦୀନକୃଷ୍ଣ ସ୍ମୃତି ପରିଷଦର ସାରସ୍ୱତ ବସନ୍ତ ମିଳନ ଉତ୍ସବ

**ଜଳେଶ୍ୱର ବ୍ଲକ, ୧୦।୩ (ସମିସ) :** ଜଳେଶ୍ୱର ନୂଆ ବଜାରସ୍ଥିତ ଭଞ୍ଜଶ୍ରୀ ବିହାର ପରିସରରେ ଦୀନ କୃଷ୍ଣ ସ୍ମୃତି ପରିଷଦ ପକ୍ଷରୁ ସାରସ୍ୱତ ବସନ୍ତ ମିଳନ ଉତ୍ସବ-୨୦୨୪ ପାଳନ ଉପଲକ୍ଷେ କବିତା ପାଠୋତ୍ସବ ଅନୁଷ୍ଠିତ ଉତ୍ସବ ହୋଇ ଯାଇଛି। ଆୟୋଜିତ ସଭାରେ ପ୍ରାକ୍ତନ ପ୍ରଧାପକ ଡକ୍ଟର ରମାକାନ୍ତ ଭଞ୍ଜ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଡ. ବିବେକାନନ୍ଦ ସାହୁ, ମୁଖ୍ୟବକ୍ତା ଭାବେ ସାରସ୍ୱତ ସାଧକ ବିପିନ ବିହାରୀ ବିଶ୍ୱାଳ, ବରିଷ୍ଠ କବି ବ୍ରଜେନ୍ଦ୍ର ନାଥ ଗିରି, ସାହିତ୍ୟିକ ତଥା ଅଧ୍ୟାପକ ଦୟାନିଧି ସାହୁ, ଦୀନକୃଷ୍ଣ ପାଲା ମଣ୍ଡଳର ସମ୍ପାଦକ ବିଜୟ ଘୋଷ, ବିଶିଷ୍ଟ ଅତିଥି ଭାବେ ପଶ୍ଚିମବଙ୍ଗ ର ବରିଷ୍ଠ କବି ସୁନିଲ୍ ମାଝୀ, କବି ଶ୍ରୀକୁମାର ଘୋଷ, ତାନଶ୍ରୀ ପାଣିଗ୍ରାହୀ ପ୍ରମୁଖ ଅତିଥି ମଞ୍ଚାସୀନ ହୋଇ ବସନ୍ତ ଋତୁ ଅବସରରେ ପ୍ରକୃତିର ଶୋଭା ସମ୍ପର୍କରେ ଅଭିଭାଷଣ ଓ କବିତା ପରିବେଷଣ କରିଥିଲେ। କବିତା ପାଠୋତ୍ସବକୁ କବି ଶ୍ରୀ କୁମାର ଘୋଷ ଓ କବୟିତ୍ରୀ ତାନଶ୍ରୀ ପାଣିଗ୍ରାହୀ ପରିଚାଳନା କରିଥିଲେ। ଏହି ଉତ୍ସବରେ ପ୍ରଥମେ ମ୍ୟୁନିସିପାଲିଟି ସମ୍ମୁଖ ଶିଶୁ ଉଦ୍ୟାନରେ ଅବସ୍ଥିତ କାଳଜୟୀ କବି ଦୀନକୃଷ୍ଣ ଦାସଙ୍କ



ପ୍ରତି ମୂର୍ତ୍ତିରେ ସମୂହ ମାଲ୍ୟାର୍ପଣ ସହିତ ପରସ୍ପର ଫଗୁ ଲଗାଇଥିଲେ। ଏହି ଉତ୍ସବରେ କବି ଯତୀନ୍ଦ୍ର ମହାନ୍ତିଙ୍କୁ ପ୍ରସନ୍ନ କୁମାର ପାଳ ସ୍ମୃତି ସମାଜସେବୀ ପୁରସ୍କାର, ଶିଶୁ କବୟିତ୍ରୀ ସୁଜାତା ରଣାଙ୍କୁ ଡାକ୍ତର ଲକ୍ଷ୍ମଣ କୁମାର ଜେନା ସ୍ମୃତି ଶିଶୁ ସାହିତ୍ୟିକା ସମ୍ମାନ, କବୟିତ୍ରୀ ବାସନ୍ତୀ କରଙ୍କୁ ମୁକୁନ୍ଦ ମୁରାରି କାମିନୀ ବାଳା ନାରୀ କବି ପୁରସ୍କାର, କବୟିତ୍ରୀ ତାନଶ୍ରୀ ପାଣିଗ୍ରାହୀଙ୍କୁ ଶ୍ରେଷ୍ଠ ସଂଯୋଜକ ପୁରସ୍କାର, କବି ଶ୍ରୀ କୁମାର ଘୋଷଙ୍କୁ ଶ୍ରେଷ୍ଠ ସଂଯୋଜକ ପୁରସ୍କାର, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରାପ୍ତ ଶିକ୍ଷୟିତ୍ରୀ ସବିତା ପାଠୀ, ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରାପ୍ତ ପ୍ରଧାନ ଶିକ୍ଷକ ଡ. ଅଜିତ କୁମାର ମହାନ୍ତି ପ୍ରମୁଖଙ୍କୁ ଅନୁଷ୍ଠାନ ପକ୍ଷରୁ ଉତ୍ତରୀୟ ମାନପତ୍ର, ପୁଷ୍ପଗୁଚ୍ଛ ପ୍ରଦାନ ସହିତ ସମ୍ବର୍ଦ୍ଧନା କରା ଯାଇଥିଲା। ବସନ୍ତ ମିଳନ ଉତ୍ସବରେ କବି ବସନ୍ତ ଦାସ, ନିକୁଞ୍ଜ ଘୋଷ, ରଞ୍ଜନ ଘୋଷ, ବଙ୍କିମ ଚନ୍ଦ୍ର ଦେ, ପ୍ରସାନ୍ତ ରାଉଳ, କବୟିତ୍ରୀ ଶାନ୍ତିଲତା ପ୍ରଧାନ, ଇନ୍ଦୁମତୀ ଗିରି, କଲ୍ୟାଣୀ ନନ୍ଦ, ଡକ୍ଟର କୃଷ୍ଣା କୁମାରୀ ନାୟକ, କବିତା ମହାନ୍ତି, ରବୀନ୍ଦ୍ର ପ୍ରଧାନ, ଶରତ ଚନ୍ଦ୍ର ପରିଡ଼ା, କମଳ କୁମାର ଚକ୍ରବର୍ତ୍ତୀ, କପିଳେଶ୍ୱର ମହାନ୍ତି, ଡ. ପଦ୍ମନାଭ ପ୍ରଧାନ, ସୁଶାନ୍ତ ନାୟକ, ସ୍ୱର୍ଣ୍ଣଲତା ସେଠୀ ପ୍ରମୁଖ ୬୦ ରୁ ଉର୍ଦ୍ଧ ବହୁ କବୟିତ୍ରୀ ଓ କବି କବିତା ପାଠ କରିଥିଲେ। ଜ୍ୟୋତିଷ ଚନ୍ଦ୍ର କର କାର୍ଯ୍ୟକ୍ରମ ସଞ୍ଚାଳନ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୀଘା ଷ୍ଟେସନ ସଂଯୋଗ କରୁଥିବା ଟ୍ରେନ୍‌ର ବଗି ସଂଖ୍ୟା ବୃଦ୍ଧି ଦାବି

**ଚନ୍ଦନେଶ୍ୱର, ୧୦।୩ (ଇମିସ):** ବାଲେଶ୍ୱର ଜିଲ୍ଲାର ଭୋଗରାଇ ସୀମାନ୍ତ ପଶ୍ଚିମବଙ୍ଗର ଦୀଘା ଠାରେ ଥିବା ରେଳ ଷ୍ଟେସନ ଉପରେ ଦୂରଦୂରାନ୍ତରୁ ଚନ୍ଦନେଶ୍ୱର ଶୈବପୀଠ ଦର୍ଶନରେ ଆସୁଥିବା ଅଧିକାଂଶ ଶ୍ରଦ୍ଧାଳୁ ନିର୍ଭର କରିଥାଆନ୍ତି। ଦୀଘା ଆସୁଥିବା ଦ୍ରୁତଗାମୀ ଟ୍ରେନରେ ସାଧାରଣ ବଗି କମ୍ ଥିବା ତଥା ସ୍ଲିପର ଟିକେଟର ଅଭାବ ପାଇଁ ଯାତ୍ରୀମାନେ ହଟହଟା ହୋଇଥାଆନ୍ତି। ବାଲେଶ୍ୱର ଜିଲ୍ଲା ସର୍ବଭାରତୀୟ ଯୁବ ସଂଗଠନ (ଏଆଇଡିୱାଇଓ) ପକ୍ଷରୁ ରେଳମନ୍ତ୍ରୀ ଅଶ୍ୱିନୀ କୁମାର ବୈଷ୍ଣବଙ୍କ ଉଦ୍ଦେଶ୍ୟରେ ଏକ ୫ ଦଫା ଦାବିପତ୍ର ଦୀଘା ରେଳଷ୍ଟେସନ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯାଇଛି। ଏଥିରେ ଦର୍ଶାଯାଇଛି, ଏବେ ଓଡ଼ିଶା ଦେଇ ଚାଲୁଥିବା ସମସ୍ତ ଦ୍ରୁତଗାମୀ ଟ୍ରେନ୍‌ରେ ଜେନେରାଲ୍ ଏବଂ ସ୍ଲିପର୍ ବଗି ସଂଖ୍ୟା କମ୍ ରହିଛି। ପ୍ରତିଦିନ ରାଜ୍ୟରୁ ଶତାଧିକ ଲୋକ ଯାତାୟାତ ପାଇଁ ଟ୍ରେନ୍ ଉପରେ ଭରସା କରୁଥିବାରୁ ସାଧାରଣ ଓ ଦ୍ୱିତୀୟ ଶ୍ରେଣୀ ସ୍ଲିପର୍ ବଗି ସଂଖ୍ୟା କମ୍‌କୁ ନେଇ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଜେନେରାଲ୍ ଓ ସ୍ଲିପର୍ ବଗିର ସଂଖ୍ୟା ବୃଦ୍ଧି, ରେଳ ବିଭାଗରେ ଖାଲିପଡ଼ିଥିବା ୩ ଲକ୍ଷରୁ ଉର୍ଦ୍ଧ୍ୱ ପଦବିକୁ ତୁରନ୍ତ ପୂରଣ କରିବା, ଟ୍ରେନ୍ ସଂଖ୍ୟା ବୃଦ୍ଧି କରିବା, ବରିଷ୍ଠ ନାଗରିକମାନଙ୍କ ଭଡ଼ାର ମୂଲ୍ୟ ହ୍ରାସ କରିବା ପାଇଁ ସଂଗଠନର କର୍ମକର୍ତ୍ତାମାନେ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ସର୍ବଭାରତୀୟ ମହିଳା ସାଂସ୍କୃତିକ ସଂଗଠନର ସଦସ୍ୟା ରୀତାରାଣୀ ପ୍ରଧାନ, କ୍ରିଷ୍ଣାରାଣୀ ସାହୁ, ଏଆଇଡିୱାଇ ଓ ବାଲେଶ୍ୱର ଶାଖାର ସଭାପତି ସୁସ୍ମିତା ମହାନ୍ତି, ସମାଜସେବୀ ନିରାକାର ପାଣ୍ଡବ, ଆଇନଜୀବୀ ଓତନ ରାଜ ପ୍ରମୁଖ ଉପସ୍ଥିତ ଥିଲେ।

## ଉତ୍କଳ ଦିବସ ଉତ୍ସବ ପ୍ରସ୍ତୁତି ବୈଠକ

**ଭୋଗରାଇ, ୧୦।୩ (ସମିସ) :** ଭୋଗରାଇ ବ୍ଲକ ଦେଉଳା ପଞ୍ଚାୟତ ଅନ୍ତର୍ଗତ ଦେଉଳା ହାଟ ଉତ୍କଳ ଦିବସ ଉତ୍ସବ ସମାରୋହ ୪୯ ବର୍ଷରେ ପଦାର୍ପଣ କରିଛି। ପ୍ରତିବର୍ଷ ପରି ଚଳିତ ବର୍ଷ ଏହି ସମାରୋହ ଆସନ୍ତା ଏପ୍ରିଲ ୧ ତାରିଖରୁ ଆରମ୍ଭ ହୋଇ ୩ ତାରିଖ ପର୍ଯ୍ୟନ୍ତ ପାଳିତ ହେବ। ସ୍ଥାନୀୟ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ, ସାଧାରଣ ଜ୍ଞାନ ପରୀକ୍ଷା, ବକ୍ତୃତା, ସଙ୍ଗୀତ, ନୃତ୍ୟ ଆଦି ପ୍ରତିଯୋଗିତା, ସମ୍ବର୍ଦ୍ଧନା ସଭା, ସାଧାରଣ ସଭା ଓ ରକ୍ତଦାନ ଶିବିର ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏ ନେଇ ସ୍ଥାନୀୟ ଦେଉଳା ହାଟ ଅନନ୍ତ ପୁରୁଷୋତ୍ତମ କ୍ଲବ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟିର ଉପସଭାପତି ଅନାଦି ରଞ୍ଜନ ଦାସ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ କମିଟିର ସଭାପତି ତଥା ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟ ଓ ଅବସରପ୍ରାପ୍ତ କେନ୍ଦ୍ର ବିଦ୍ୟାଳୟର ଶିକ୍ଷକ ପ୍ରମଥ ଗିରି, କାର୍ଯ୍ୟକାରୀ ସଭାପତି କବି ଶ୍ରୀକୁମାର ଘୋଷ, ଉପସଭାପତି ହରିପଦ ସାହୁ, ଅରୁଣ ଦାସ, ସମ୍ପାଦକ ତଥା ପୂର୍ବତନ ସରପଞ୍ଚ ସୁକୁମାର ଜେନା, କୋଷାଧ୍ୟକ୍ଷ ପ୍ରଦୀପ ପାତ୍ର, ନିଶେଷ ଦେବ, ପ୍ରଶାନ୍ତ ଗିରି, କାହ୍ନୁଚରଣ ଦାସ, ଦେବୀପ୍ରସାଦ ଦାଶ ଗୋସ୍ୱାମୀ, ଗଙ୍ଗଦ୍ୟୋକ ଜେନା, ଶ୍ୟାମସୁନ୍ଦର ବେଜ, ସରପଞ୍ଚ ମମତା ସାହୁ, ସଞ୍ଜୟ ଜେନା, ଜାମସେଦ ଅଲ୍ଲୀ ଖାଁ, ଦେଉଳା ହାଟ ଅନନ୍ତ ପୁରୁଷୋତ୍ତମ ବିକାଶ ପରିଷଦ ସଭାପତି ଶକ୍ତିପଦ ଦାସ ମହାପାତ୍ର, ଜିଲ୍ଲା ପରିଷଦ ସଦସ୍ୟ ସନ୍ତୋଷ ଜେନା, ପୂର୍ବତନ ସରପଞ୍ଚ ଅରୁଣ ପ୍ରଧାନ, ବଂଶୀଧର ସାହୁ, ଚତୁର୍ଭୁଜ ଜେନା, ନାରାୟଣ ଦାସ, ପୃଥିରାଜ ଗିରି, ଅକ୍ଷୟ ପାତ୍ର ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଦିନିକିଆ ଦିବାରାତ୍ର ଭଲିବଲ; ସୂର୍ଯ୍ୟଶିଖା ଚାମ୍ପିଅନ



**ବଳରାମପୁର, ୧୦।୩ (ସମିସ) :** ବାଲିଆପାଳ ବ୍ଲକ ଶ୍ରୀରାମପୁର ପଞ୍ଚାୟତ ମଇଁଷାମୁଣ୍ଡା ଶଙ୍କର ନାଥ କ୍ଲବ ପକ୍ଷରୁ ନେତାଜୀ ପଡ଼ିଆରେ ଦିବାରାତ୍ର ଏକଦିବସୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ ଶନିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ପ୍ରତିଯୋଗିତାରେ ମଇଁଷାମୁଣ୍ଡା ଆର୍ମି (ହରିଆନା), ନେପୁରା ସୂର୍ଯ୍ୟଶିଖା, ଓଡ଼ିଶା ଫାୟାର, ବାଲିଆପାଳ ଷ୍ଟୁଡେଣ୍ଟ୍ କ୍ଲବ, ୱେଷ୍ଟ ବେଙ୍ଗଲ ଆଦି ପାଞ୍ଚଟି ଦଳ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ନେପୁରା ସୂର୍ଯ୍ୟଶିଖା ଓ ବାଲିଆପାଳ ଷ୍ଟୁଡେଣ୍ଟ୍ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇ ଥିଲା। ଏଥିରେ ନେପୁରା ସୂର୍ଯ୍ୟଶିଖା ଦଳ ଚାମ୍ପିଅନ ହୋଇ ଥିବାବେଳେ ବାଲିଆପାଳ ଷ୍ଟୁଡେଣ୍ଟ୍ କ୍ଲବ ଦଳ ରନର୍ସ ଅପ୍ ହୋଇଥିଲା। ଉଦ୍‌ଯାପନୀ ସଭାରେ ଡ. ସନ୍ତୋଷ ଦାସ, ହରେକୃଷ୍ଣ ବେହେରା, ହିମାଂଶୁ ରଣା, ଡ. ସୁକାନ୍ତ ଗିରି, ଡ. ଅଜୟ ବେହେରା, ସରପଞ୍ଚ ଦେବ କୁମାର ଦେ, ସନ୍ୟାସୀ ବେହେରା ପ୍ରମୁଖ ଅତିଥି ଭାବରେ ଯୋଗଦେଇ ବିଜୟୀ ଦଳକୁ ଟ୍ରଫି ଓ ପରାଜିତ ଦଳକୁ ରନର୍ସ ଅପ୍ ଓ ନଗଦ ଟଙ୍କା ପ୍ରଦାନ କରିଥିଲେ। ଶରତ ଦେ, ଅନନ୍ତ ସାହୁ, ରଞ୍ଜନ ସାହୁ, ସଞ୍ଜୟ ସାହୁ, ଅନୀଲ ସାହୁ, ଜୟକୃଷ୍ଣ ସାହୁ, ରାଜୀବ ଲୋଚନ ସାହୁ, ଅନାଦି ସାହୁ, ଲମ୍ବୋଦର ମାଣିକ ପ୍ରମୁଖ ଖେଳ ପରି ଚାଳନା କରି ଥିଲେ। ରଞ୍ଜନ କୁମାର ସାହୁ ଓ ବିଭାଶିସ ଦେ ରେଫରୀ ଥିଲେ। ଏହି ଅବସରରେ ପୂର୍ବତନ ସୈନିକ ଶରତ ଦେ, ରମାକାନ୍ତ ସାହୁ, ବିନୋଦ ସାହୁ, ରତ୍ନାକର ସାହୁ, ବିଶ୍ୱନାଥ ସାହୁ, ଶ୍ରୀଧର ସାହୁ, ସମରେନ୍ଦ୍ର ସାହୁ, ତରୁଣ ସାହୁ, ଶ୍ରୀନିବାସ ସାହୁ, ଶୁଭେନ୍ଦୁ ସାହୁ ପ୍ରମୁଖଙ୍କୁ କ୍ଲବ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇ ଥିଲା।

## ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ମିଶନ ଶକ୍ତି ମହିଳା

**ଖଇରା, ୧୦।୩ (ସମିସ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମିଶନ ଶକ୍ତିର କମ୍ୟୁନିଟ ସପୋର୍ଟ ଷ୍ଟାଫ ମାନଙ୍କର ପ୍ରୋତ୍ସାହନ ରାଶି ବୃଦ୍ଧି ଘୋଷଣା ପରେ କର୍ମଚାରୀଙ୍କ ମଧ୍ୟରେ ଖୁସିର ମାହୋଲ ଦେଖିବାକୁ ମିଳିଥିଲା। ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ କୁରୁଣ୍ଡା ମିଶନ ଶକ୍ତି କାର୍ଯ୍ୟାଳୟ ପରିସରରେ ଏମବିକେ ମମତା ପ୍ରଧାନ ସମେତ ସମସ୍ତ ସିଆରପି ଝରଣା ଦାସ, ମଞ୍ଜୁଳତା ଦାସ, ପଦ୍ମାବତୀ ଶିଅଳ, ପ୍ରାଣୀ ମିତ୍ର ଗୌରାଙ୍ଗ ଜେନା, ଅଜୟ ପତ୍ରୀ, କୃଷି ମିତ୍ର ଲାବନ୍ୟା ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପ୍ରୋତ୍ସାହନ ରାଶି ବୃଦ୍ଧି ନେଇ ଘୋଷଣା ପରେ ପରସ୍ପର ମଧ୍ୟରେ ମିଠା ଖୁଆଇ ଖୁସି ମନାଇ ଥିଲେ। ତା ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିରୋଗ ଓ ଦୀର୍ଘାୟୁ କାମନା କରିଥିଲେ। ୫- ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ମିଶନ ଶକ୍ତି ସଚିବ ସୁଜାତା ପାଣ୍ଡିଆନ ଓ ସିମୁଳିଆ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କୁ ଧନ୍ୟବାଦ ଜଣାଇଥିଲେ।




## ବିଶ୍ୱ ମହିଳା ଦିବସ ଓ ମହିଳା କଂଗ୍ରେସ କର୍ମଶାଳା

**ଭୋଗରାଇ, ୧୦।୩ (ସମିସ) :** ଭୋଗରାଇ ମହିଳା କଂଗ୍ରେସ ପକ୍ଷରୁ ବିଶ୍ୱ ମହିଳା ଦିବସ ପାଳିତ ହେବା ସହିତ ମହିଳା କଂଗ୍ରେସ କର୍ମଶାଳା ରବିବାର ଅନୁଷ୍ଠିତ ହୋଇଯାଇଛି। ଭୋଗରାଇ ବ୍ଲକର ସଦର ଜଳେଶ୍ୱରପୁର ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭୋଗରାଇ ମହିଳା କଂଗ୍ରେସ ବ୍ଲକ ସଭାନେତ୍ରୀ ତଥା ପୂର୍ବତନ ପଞ୍ଚାୟତ ସମିତି ଉପାଧ୍ୟକ୍ଷା ମୀନାରାଣୀ ସୁର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦିକା ତଥା ନୀଳଗିରି ରାଣୀ ମନୋଜା ମଞ୍ଜରୀ ଦେବୀ, ମୁଖ୍ୟବକ୍ତା ଭାବେ ବାଲେଶ୍ୱର ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ପ୍ରଜ୍ଞାପରିମିତା ମହାନ୍ତି, ସମ୍ମାନିତ ଅତିଥି ଭାବେ ମୟୂରଭଞ୍ଜ ଜିଲ୍ଲା ମହିଳା କଂଗ୍ରେସ ନେତ୍ରୀ ସୁଶ୍ରୀ ମାଧବୀ ସେନାପତ, ଗୁନେଇବସାଣ ସରପଞ୍ଚ ସୁମତି ପାତ୍ର, ଆରୁହାବୃତ୍ତି -୧ ସରପଞ୍ଚ ଗୀତାରାଣୀ ଜେନା, ଖରିଦପିପଳ ପଞ୍ଚାୟତ ସମିତି ସଦସ୍ୟା ବିନତୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଭୋଗରାଇ କଂଗ୍ରେସ ନେତା ସତ୍ୟଶିବ ଦାସ, ୩୩ ନଂ ଜୋନ ଜିଲ୍ଲା ପରିଷଦ ସଦସ୍ୟ ତଥା ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ସନ୍ତୋଷ କୁମାର ଜେନା, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ତଥା ପସରବିନ୍ଧା ସରପଞ୍ଚ ସୁମନ୍ତ କୁମାର ବେହେରା, ଜିଲ୍ଲା କଂଗ୍ରେସ ଉପ ସଭାପତି ଗୋପବନ୍ଧୁ ମହାପାତ୍ର, ବ୍ଲକ ଯୁବ କଂଗ୍ରେସ ସଭାପତି ଜୟଦେବ ଦାସ, କବି ସୁକୁମାର ଦାସ, ଜୋନ ସଭାପତି ତଥା ପୂର୍ବତନ ସରପଞ୍ଚ କାର୍ତ୍ତିକ ଚନ୍ଦ୍ର ପାତ୍ର, ଜୋନ ସଭାପତି ତଥା ନିମାତପୁର ସରପଞ୍ଚ ରାଜେନ୍ଦ୍ର ଦଳେଇ, ଅବସରପ୍ରାପ୍ତ ଶିକ୍ଷକ ବଂଶୀଧର ଦେ ପ୍ରମୁଖ ଯୋଗ ଦେଇ ମହିଳା କଂଗ୍ରେସକୁ ସୁସଙ୍ଗଠିତ କରିବା ପାଇଁ ଆହ୍ୱାନ ଦେଇଥିଲେ। ଜୋନ ସଭାପତି ରାଜେନ୍ଦ୍ର ପଣ୍ଡା ମଙ୍ଗଳାଚରଣ ପାଠ କରିଥିଲା ବେଳେ ଜିଲ୍ଲା ମହିଳା କଂଗ୍ରେସ ସାଧାରଣ ସମ୍ପାଦିକା ତଥା ମନ୍ଦାରସାହି ସରପଞ୍ଚ ମମତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।






# ଡାଉନ ଉତ୍କଳ ଏକ୍ସପ୍ରେସ୍ ଦାବିରେ ପ୍ରତୀକ ଆନ୍ଦୋଳନ

ଜଳେଶ୍ୱର ବ୍ଲକ/ ଜଳେଶ୍ୱର, ୧୦।୩(ସମିସ) :



ସମାଜ କଲ୍ୟାଣ ବିକାଶ ପରିଷଦ ପକ୍ଷରୁ ଡାଉନ ଉତ୍କଳ ଏକ୍ସପ୍ରେସ ପୁନଃ ରହଣି ଦାବିରେ ଜଳେଶ୍ୱର ଷ୍ଟେସନ ପରିସରରେ ଆଜି ୩ ଘଣ୍ଟିଆ ପ୍ରତୀକ ଆନ୍ଦୋଳନ ଅନୁଷ୍ଠିତ ହୋଇ ଯାଇଛି। ଗତ କରୋନା ଠାରୁ ରେଳ ବିଭାଗ ଉକ୍ତ ଡାଉନ୍ ଉତ୍କଳ ଏକ୍ସପ୍ରେସକୁ ଜଳେଶ୍ୱର ରହଣି ବାତିଲ କରିଥିଲା। ବାରମ୍ବାର ସମାଜ କଲ୍ୟାଣ ବିକାଶ ପରିଷଦ ପକ୍ଷରୁ ରହଣି ପାଇଁ ରେଳ ବିଭାଗ, ସାଂସଦ ଓ ରେଳ ମନ୍ତ୍ରୀଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ଏଯାବତ୍ ଡାଉନ୍ କଳିଙ୍ଗ ଉତ୍କଳ ଏକ୍ସପ୍ରେସକୁ ଜଳେଶ୍ୱର ଷ୍ଟେସନରେ ରହିବାର ବ୍ୟବସ୍ଥା ହୋଇ ନାହିଁ। ତେଣୁ ପୂର୍ବ ନିର୍ଦ୍ଧାରିତ ଡାକରା ରେ ଆଜି ସକାଳ ୭ଟାରୁ ସକାଳ ୧୦ ଟା ପର୍ଯ୍ୟନ୍ତ ୩ ଘଣ୍ଟିଆ ପ୍ରତୀକ ଆନ୍ଦୋଳନ ପରିଷଦ ପକ୍ଷରୁ ଶତାଧିକ ଲୋକଙ୍କ ଦ୍ୱାରା କରାଯାଇ ଥିଲା। ଏହି ଅବସରରେ ଆୟୋଜିତ ଏକ ସଭାରେ ସମାଜ କଲ୍ୟାଣ ବିକାଶ ପରିଷଦର ସମ୍ପାଦକ ବରିଷ୍ଠ ଆଇନଜୀବୀ ରାମଚନ୍ଦ୍ର ଜେନା ପୌରୋହିତ୍ୟ କରିଥିଲେ। ଆନ୍ଦୋଳନରେ ସମାଜ କଲ୍ୟାଣ ବିକାଶ ପରିଷଦର ସଭାପତି ତଥା ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ସ୍ତମ୍ଭକାର ସୁଦର୍ଶନ ଦାସ, ପୂର୍ବତନ ବିଧାୟକ ଦେବୀପ୍ରସନ୍ନ ଚାନ୍ଦ, ରମାନାଥ ଗିରି, ସିପିଆଇ (ଏମ) ନେତା ଦିଲ୍ଲୀପ କୁମାର ଗିରି, ସିପିଆଇ ନେତା କମଳ ଚକ୍ରବର୍ତ୍ତୀ, ବ୍ଲକ କଂଗ୍ରେସ ସଭାପତି ରାଜୀବ ପରିଡ଼ା, ପ୍ରାକ୍ତନ ଅଧ୍ୟକ୍ଷ ଡକ୍ଟର ରମାକାନ୍ତ ଭଞ୍ଜ, ଓଷ୍ଟା ବ୍ଲକ ସଭାପତି ଡ. ଅଜିତ କୁମାର ମହାନ୍ତି, ବରିଷ୍ଠ ସାମ୍ବାଦିକ ଅବନୀ ଚାନ୍ଦ, ରବୀନ୍ଦ୍ର ନାଥ ସେନାପତି, ରବି ନାରାୟଣ ପାତ୍ର, କବିତା ବାଳା ମାନ୍ଧାତା, ଦୁର୍ଗା ଶଙ୍କର ଗିରି, ପ୍ରାକ୍ତନ ଅଧ୍ୟକ୍ଷ ଜିତାରାମ ଦେ, ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ଶରତ ଚନ୍ଦ୍ର ପରିଡ଼ା, ଶିକ୍ଷକ ସୁଶାନ୍ତ କୁମାର ଦାସ, ପ୍ରାକ୍ତନ ଅଧ୍ୟକ୍ଷ ଅକ୍ଷୟ ପରିଡ଼ା, ପ୍ରାକ୍ତନ ଶିକ୍ଷକ ବନମାଳୀ ଧଳ, ବରିଷ୍ଠ ଆଇନଜୀବୀ କୁଞ୍ଜ ବିହାରୀ ଦାସ ଓ ପତିତ ପାବନ ପ୍ରଧାନ ପ୍ରମୁଖ ପରିଷଦର ସଦସ୍ୟମାନେ ବକ୍ତବ୍ୟ ରଖିବା ସହିତ ରେଳ ରହଣି ଦାବିରେ ସ୍ଲୋଗାନ ଦେଇଥିଲେ। କାଲି ଠାରୁ ଆଗାମୀ ୧୫ ଦିନ ଭିତରେ କଳିଙ୍ଗ ଉତ୍କଳ ଏକ୍ସପ୍ରେସ ରହଣି ବ୍ୟବସ୍ଥା ଯଦି ରେଳ ବିଭାଗ ନ ନିଏ, ତେବେ ଠିକ୍ ୧୫ ଦିନ ପରଦିନ ରେଳ ରୋକ୍ ହେବ ବୋଲି ସମାଜ କଲ୍ୟାଣ ବିକାଶ ପରିଷଦର କର୍ମକର୍ତ୍ତା ଚେତାବନୀ ଦେଇଛନ୍ତି।

# ନୂତନ ସେତୁର ଭିତ୍ତିସ୍ଥାପନ କଲେ ବିଧାୟକ



ଦହମୁଣ୍ଡା, ୧୦।୩ (ସମିସ): ଓଡ଼ିଶା ସରକାରଙ୍କ ଡ୍ରେନେଜ ବିଭାଗ ଦ୍ୱାରା ଆରୁହାବୃତ୍ତି-୧ ପଞ୍ଚାୟତ ସେହି ଗ୍ରାମର ସନ୍ତୋଷପୁରଠାରେ ବହୁ ପ୍ରତିକ୍ଷୀତ ସେତୁର ଭୂମିପୂଜ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭୋଗରାଇ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଅନନ୍ତ ଦାସ, ବ୍ଲକ ବିଜେଡି ସଭାପତି ରମାକାନ୍ତ କରଣ, ଅଭିଜିତ ଦାସ, ଆଇନଜୀବୀ ରାଜକିଶୋର ଜେନା, ପଞ୍ଚାୟତ ସମିତି ସଦସ୍ୟା ଅଞ୍ଜଳି ଜେନା, ୱାର୍ଡସଭ୍ୟ ଅରୁଣ ଜେନା, ଶଙ୍କର ମାଝୀ, ଗୌରହରୀ କାମିଲା, ସବିତା ଜେନା, ଶମ୍ଭୁନାଥ ବାରିକ, ଅନନ୍ତ ସାମଲ, ବ୍ରଜ କିଶୋର ପାଳ, ରାମଚନ୍ଦ୍ର ଜେନା, ସେକ ନଜରୁଲ, କ୍ଷିତୀଶ ମୁଖି, ମୁକ୍ତାର, ରାଜକିଶୋର ଜେନା, ବିନୟ ଚନ୍ଦ, ଜିତେନ୍ଦ୍ର ଚନ୍ଦ, ପ୍ରଦୀପ ଚନ୍ଦ, ବରେନ୍ଦ୍ର ପାତ୍ର, ନାରାୟଣ ପ୍ରସାଦ ବାରିକ, ମନୋଜ ବାରିକ, ସପନ ଦେ, ଅଜୟ ପାଳ, ଧିରେନ ମୁଖୀ, ସୁବ୍ରତ ସାହୁ, ଅଶ୍ୱିନୀ ଗିରି, ବିଜୁ ଚନ୍ଦ ପ୍ରମୁଖ ଶିଳାନ୍ୟାସ କରିଥିଲେ, ଉକ୍ତ ସେତୁ ସହସ୍ରାଧିକ କୃଷକ ମାନଙ୍କର ଦୀର୍ଘ ଦିନର ଯାତାୟାତ ସମସ୍ୟାର ସମାଧାନ କରିବା ସହ ଦୈନିକ ପ୍ଲାଷ୍ଟିକ ଭେଳାରେ ବିପଦ ସଂକୁଳ ଅବସ୍ଥାରେ ନାଳ ପାରି ହୋଇ ଆସୁଥିବା ପରିବାରବର୍ଗଙ୍କ ପାଇଁ ଏହା ସୁରକ୍ଷା ପ୍ରଦାନ କରିବ।

# ଗର୍ଭବତୀଙ୍କ ଆତ୍ମହତ୍ୟା, ସ୍ୱାମୀ ଅଟକ

ସୋର, ୧୦।୩(ସମିସ): ସୋର ଥାନା ଅଭଣା ଗ୍ରାମର ଜଣେ ଗର୍ଭବତୀ ମହିଳା ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଏହି ଗ୍ରାମର ଅଭୟ ମାଝୀଙ୍କ ସ୍ତ୍ରୀ ବାସନ୍ତି ମାଝୀ ଗର୍ଭବତୀ ଥିଲେ। ଡାକ୍ତରଙ୍କ ସମୟ ଅନୁସାରେ ଆଉ ଦୁଇଦିନ ପରେ ସେ ମା' ହୋଇଥାନ୍ତେ। ମାତ୍ର ଆଜି ଅପରାହ୍ଣରେ ଶଶୁରଙ୍କୁ ଉପମା ଖାଇବାକୁ ନ ଦେବା କାରଣରୁ ପରିବାରରେ ବଚସା ହୋଇଥିଲା। ଏହା ପରେ ବାସନ୍ତି ଘର ଭିତରକୁ ଶୋଇବାକୁ ଯାଇଥିଲେ। ସ୍ୱାମୀ ଅଭୟ କାମରୁ ଫେରି ଡାକିବା ପରେ ବାସନ୍ତି କବାଟ ଖୋଲି ନ ଥିଲେ। ଫଳରେ କବାଟ ଭାଙ୍ଗିବାରୁ ବାସନ୍ତୀ ବେକରେ ଶାଢ଼ୀ ଲଗାଇ ଗଡ଼ାଣରେ ଝୁଲୁଥିବା ଦେଖି ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସୋର ପୁଲିସ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ରଖିବା ସହିତ ସ୍ୱାମୀ ଅଭୟଙ୍କୁ ଥାନାରେ ଅଟକ ରଖି ଘଟଣାର ତଦନ୍ତ ଆରମ୍ଭ କରିଛି।

# ଡକାୟତି ଯୋଜନାବେଳେ ଦୁଇ ଗିରଫ

ସୋର, ୧୦।୩(ସମିସ): ସୋର ଥାନା ପିତାକାଳିଆ ଛକ ନିକଟରେ ଏକ ପାଞ୍ଚ ଜଣିଆ ଡକାୟତ ଟିମ ଡକାୟତି କରିବା ପାଇଁ ଯୋଜନା କରୁଥିବାବେଳେ ସୋର ପୁଲିସ ଚଢ଼ଉ କରି ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗତକାଲି ବିଳମ୍ବିତ ରାତିରେ ଏହି ଛକ ନିକଟରେ ପାଞ୍ଚ ଜଣ ଯୁବକ ଡକାୟତି କରିବା ପାଇଁ ଯୋଜନା କରୁଥିବା ଖବର ପାଇ ସୋର ପୁଲିସ ଅଚାନକ ଚଢ଼ଉ କରିଥିଲା। ଏହି ସମୟରେ ତିନି ଜଣ ଯୁବକ କୌଶଳ କ୍ରମେ ସେଠାରୁ ଖସି ପଳେଇ ଯିବାକୁ ସକ୍ଷମ ହୋଇଥିବା ବେଳେ ପୁଲିସ ଯାଜପୁର ଜିଲ୍ଲା କାଇପଦା ଗ୍ରାମର ବଳରାମ ମଲିକ(୧୯) ଏବଂ ନଦୀଗାଁ କାନପୁର ଗ୍ରାମର ସୁରେନ୍ଦ୍ର ହାଁସଦା (୨୦) ଦୁଇ ଜଣଙ୍କୁ ଗିରଫ କରିଥିଲା। ଏ ବାବଦରେ ଥାନାରେ ୧୮ ୭/୨୪ ରେ ଏକ ମାମଲା ରୁଜୁ କରି ଆଜି ଅପରାହ୍ନରେ ସୋର ମେ?କାଲରେ ଡାକ୍ତରୀ ମାଇନା ପରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ନାବାଳିକା ଅପହରଣ ଘଟଣାରେ ଯୁବକ ଗିରଫ

ସୋର, ୧୦।୩(ସମିସ): ସୋର ବ୍ଲକ ମାଣିପୁର ପଞ୍ଚାୟତ ପାଟଣା ଗ୍ରାମର ଜଣେ ଯୁବକକୁ ନାବାଳିକା ଅପହରଣ ଅଭିଯୋଗରେ ଗିରଫ କରି ସୋର ପୁଲିସ କୋର୍ଟ ଚାଲାଣ କରିଛି। ଅଭିଯୋଗ ଅନୁସାରେ ଗତକାଲି ଏହି ଗ୍ରାମର ଚନ୍ଦନ ଦେହୁରୀ ଉକ୍ତ ଗ୍ରାମର ଜଣେ ନାବଳିକାକୁ ଅପହରଣ କରିଥିବା ନେଇ ନାବାଳିକାଙ୍କ ପରିବାର ପକ୍ଷରୁ ସୋର ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ମୂଳେ ପୁଲିସ ୧୮୫/୨୪ ରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଗତକାଲି ବିଳମ୍ବିତ ରାତିରେ ଚନ୍ଦନ ଏବଂ ନାବାଳିକା ଘରେ ଥିବା ଖବର ପାଇ ସୋର ପୁଲିସ ଚଢ଼ଉ କରି ନାବାଳିକାଙ୍କୁ ଉଦ୍ଧାର କରିବା ସହିତ ଚନ୍ଦନକୁ ଗିରଫ କରିଥିଲେ। ଆଜି ଅପରାହ୍ଣରେ ସୋର ଡାକ୍ତରଖାନାରେ ଚନ୍ଦନର ଡାକ୍ତରୀ ମାଇନା ପରେ ତାକୁ ସୋର ପୁଲିସ କୋର୍ଟ ଚାଲାଣ କରିଛି।

# ୨୦ରେ ସାହାରା ଇଣ୍ଡିଆ ଜମାକାରୀଙ୍କ ସମାବେଶ

ବାଲେଶ୍ୱର, ୧୦।୩(ସମିସ): ଆସନ୍ତା ୨୦ ତାରିଖରେ ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସାହାର ଇଣ୍ଡିଆର ଜମାକାରୀ ଓ କାର୍ଯ୍ୟକର୍ତ୍ତାମାନଙ୍କ ମିଳିତ ମଞ୍ଚ ପକ୍ଷରୁ ସମାବେଶ ଓ ବିକ୍ଷୋଭ ପ୍ରଦର୍ଶନ କରିବାକୁ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଆଜି ପତ୍ରୁଆଁପଦାସ୍ଥିତ ଉଠାଜଳସେଚନ କର୍ମଚାରୀ ଭବନରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ସିଭିଲ୍ ସୋସାଇଟିର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସାହାରା ଇଣ୍ଡିଆ ଜମାକାରୀ ଓ କାର୍ଯ୍ୟକର୍ତ୍ତା ମିଳିତ ମଞ୍ଚର ସମ୍ପାଦକ କାର୍ତ୍ତିକ ଚାନ୍ଦ ଉପସ୍ଥିତମାନଙ୍କୁ ସଂଗ୍ରାମୀ ଅଭିନନ୍ଦନ ଜଣାଇ ଦୀର୍ଘବର୍ଷ ଧରି ସାହାରା ଇଣ୍ଡିଆ ସଂସ୍ଥାରେ ଅର୍ଥ ଜମା କରିଆସୁଥିବା ଜମାକାରୀ ଓ ଏଜେଣ୍ଟ ଏଜେଣ୍ଟମାନଙ୍କ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ।

## ଶ୍ରଦ୍ଧାପୁର ପ୍ରାଥମିକ ଚିକିତ୍ସା କେନ୍ଦ୍ର

# ନୂତନ ଗୃହ ନିର୍ମାଣରେ ଅନିୟମିତତା ଅଭିଯୋଗ

ଚନ୍ଦନେଶ୍ୱର, ୧୦।୩ (ସମିସ) : ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନ୍ତର୍ଗତ ଶ୍ରଦ୍ଧାପୁର ପ୍ରାଥମିକ ସ୍ୱାସ୍ଥ୍ୟ ଚିକିତ୍ସା କେନ୍ଦ୍ରରେ ଚାଲିଥିବା ନୂତନ ଗୃହ ନିର୍ମାଣରେ ନିମ୍ନମାନର କାର୍ଯ୍ୟ ହେଉଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପ୍ରାପ୍ତ ବିବରଣୀରୁ ପ୍ରକାଶ ଯେ, ପ୍ରାୟ ୨କୋଟି ଟଙ୍କା ବ୍ୟୟରେ ନିର୍ମିତ ଉକ୍ତ ଶ୍ରଦ୍ଧାପୁର ପ୍ରାଥମିକ ସ୍ୱାସ୍ଥ୍ୟ ଚିକିତ୍ସା କେନ୍ଦ୍ରର କାର୍ଯ୍ୟ ବିହାର ରାଜ୍ୟର ଏକ ଘରୋଇ କମ୍ପାନୀ କାର୍ଯ୍ୟ କରୁଛି। ବିନା ସୂଚନା ଫଳକରେ ନିମ୍ନମାନର କାର୍ଯ୍ୟ ହେଉଥିବା ଶ୍ରଦ୍ଧାପୁର ଗ୍ରାମବାସୀ ଅଭିଯୋଗ କରି କାର୍ଯ୍ୟ ବନ୍ଦ କରିଛନ୍ତି। ଗ୍ରାମବାସୀଙ୍କ କହିବାନୁଯାୟୀ, ନିର୍ମାଣାଧୀନ ପ୍ରାଥମିକ ଚିକିତ୍ସା କେନ୍ଦ୍ର ନୂତନ ଗୃହର ଛାତ ନିର୍ମାଣରେ ବ୍ୟବହୃତ ହେଉଥିବା ରୋଡ଼ ବାଇଣ୍ଡିଂରେ ବ୍ୟବହୃତ ହେଉଥିବା ତାର ଅତ୍ୟନ୍ତ ନିମ୍ନମାନର, ସଠିକ ବ୍ୟବଧାନରେ ରଡ଼ ନ ରହିବା, ଗ୍ରେଟ ବିମ୍‌ରେ ପ୍ଲାଷ୍ଟିକ ପାଇପ ବ୍ୟବହାର କରିବା ଏବଂ ନିମ୍ନମାନର କାର୍ଯ୍ୟହେତୁ ପିଲର ପ୍ରଭୃତି ଫାଟି ଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏପରିକି ବିଡିଓ, ମେଡ଼ିକାଲ ଅଫିସର କିମ୍ବା ଅନ୍ୟ ଅଧିକାରୀ ମାନେ କାର୍ଯ୍ୟ ଦେଖିବାକୁ ଆସୁ ନ ଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଉକ୍ତ କାର୍ଯ୍ୟରେ ନିୟୋଜିତ ଇଞ୍ଜିନିୟର ଚନ୍ଦନ ରାଜପୁତଙ୍କୁ ପଚାରିବାରୁ ଅସଜଡ଼ା କାର୍ଯ୍ୟକୁ ସଠିକ ରୂପେ ସମ୍ପାଦନ କରିବେ ବୋଲି ପ୍ରକାଶ କରିଛନ୍ତି। ସୋମବାର ବିଭାଗୀୟ ଅଧିକାରୀମାନେ କାର୍ଯ୍ୟର ତଦାରଖ କରିବେ ବୋଲି ସୂଚନା ଦେଇଛନ୍ତି। ଶ୍ରଦ୍ଧାପୁର ଗ୍ରାମବାସୀ ସଠିକରୂପେ କାର୍ଯ୍ୟ କରିବା ପାଇଁ ଅଡ଼ି ବସିଥିବା ବେଳେ ସମାଜସେବୀ ରାଜ୍ କୁମାର ପାତ୍ରଙ୍କ ନେତୃତ୍ୱରେ ବଳରାମ ଦାସ, ଘନଶ୍ୟାମ ନାୟକ, ପଦ୍ମଲୋଚନ ପାତ୍ର, ସଞ୍ଜୟ ପରି?ା, ତରୁଣ ଜେନା, ସଞ୍ଜୀବ ଦଳାଇ, ଜ୍ୟୋତିପ୍ରକାଶ ପଣ୍ଡା, ବସନ୍ତ ଜେନା, ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକୁ ବିରୋଧ କରିଛନ୍ତି।



# ଦୂରହେଲା ରାଇବଣିଆ ଅଞ୍ଚଳର ସ୍ୱାସ୍ଥ୍ୟସେବା ସମସ୍ୟା

## ରୋଗୀ କଲ୍ୟାଣ ସମିତି ବୈଠକରେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ

ରାଇବଣିଆ, ୧୦।୩ (ସମିସ):

ଜଳେଶ୍ୱର ବ୍ଲକ ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସକାଳ ୧୧ଘଟିକା ସମୟରେ ରୋଗୀ କଲ୍ୟାଣ ସମିତିର ବୈଠକ ଅନୁଷ୍ଠିତ ହେଇଯାଇଛି। ଜଳେଶ୍ୱର ପଞ୍ଚାୟତ ସମିତି ଅଧ୍ୟକ୍ଷ ମାନସ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରୋଗୀ କଲ୍ୟାଣ ସମିତି ବୈଠକରେ ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ଅଜୟ ସାହୁ, ମାନ୍ୟବର ପର୍ଯ୍ୟଟନ ମନ୍ତ୍ରୀଙ୍କ ପ୍ରତିନିଧି ଦିଲ୍ଲିପ ସାମଲ, ଗଙ୍ଗାଧର ଦାସ, ବ୍ରିଜେଶ ରଣା, ମିହିର ଆଚାର୍ଯ୍ୟ, ଡାକ୍ତର ଶୁଭଜିତ ମହାପାତ୍ର, ଡାକ୍ତର ଲିଙ୍କନ କୀର୍ତ୍ତନିଆ, ଡାକ୍ତର ସନ୍ଦୀପ ମନ, ଡାକ୍ତର ମନୋଜ ମୁର୍ମୁ, ଡାକ୍ତର ପାର୍ଥ ମଣ୍ଡଳ, ଡାକ୍ତର ସୋମେଶ ମଣ୍ଡଳ, ଆୟୁଷ ଡାକ୍ତର ଅମିତା ପାଳ, ସିଆରସିସି ରାଧାକାନ୍ତ ସିଂ, ବିପିଏମ ସ୍ମିତା




ପ୍ରମାଣିକ, ପିଏଚଓ ଫକୀର ମୋହନ ପ୍ରଧାନ, ହିସାବରକ୍ଷକ କ୍ଷୀରୋଦ ପରିଡ଼ା ଉପସ୍ଥିତ ରହିଥିଲେ। ରାଇବଣିଆ ଅଞ୍ଚଳରେ ଥିବା ଓଲମରା ପିଏଚସି, ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଖୁଆଡ଼ ପିଏଚସି, ଶାଳବଣି ପିଏଚସି ଓ ଶିଖରପୁର ପିଏଚସିରେ ଆବଶ୍ୟକ ଡାକ୍ତର ନ ଥିବାରୁ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ହେଇପଡ଼ିଥିଲା। ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ପାଖାପାଖି ଏକ ଲକ୍ଷ ଲୋକେ ନିର୍ଭର କରନ୍ତି। ବାରମ୍ବାର ବିଭିନ୍ନ ସଂଗଠନ, ରାଜନୈତିକ ନେତୃବୃନ୍ଦ ଓ ସମାଜସେବୀ ମାନଙ୍କ ଦ୍ୱାରା ଡାକ୍ତର ନିଯୁକ୍ତି ପାଇଁ ଦାବି ହେଇଆସୁଥିଲା। ଲୋକମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗେଇ ଦେବା ପାଇଁ ପର୍ଯ୍ୟଟନ ମନ୍ତ୍ରୀଙ୍କ ପ୍ରଚେଷ୍ଟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଇବଣିଆ ଅଞ୍ଚଳର ସମସ୍ତ ପିଏଚସି ଓ ହାତୀଗଡ଼ ସିଏଚସିରେ ନୂତନ ଡାକ୍ତର ନିଯୁକ୍ତି କରିଛନ୍ତି। ତେଣୁ ଆଜିକାର ବୈଠକରେ ପ୍ରଥମେ ଉପସ୍ଥିତ ଅତିଥି ଓ ବିଭାଗୀୟ ଅଧିକାରୀମାନେ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ନବନିଯୁକ୍ତ ଡାକ୍ତରମାନେ କିପରି ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗେଇ ଦେବେ ସେ ବାବଦରେ ଆଲୋଚନା ହେଇଥିଲା। ପୂର୍ବରୁ ହେଇଥିବା ଖର୍ଚ୍ଚ ଓ ଆଗକୁ ସ୍ୱାସ୍ଥ୍ୟ କେନ୍ଦ୍ରର ଉନ୍ନତି ପାଇଁ ହେବାକୁ ଥିବା ଖର୍ଚ୍ଚ ବାବଦରେ ଆଲୋଚନା ହୋଇଥିଲା।

## ଅନୁକୂଳଚନ୍ଦ୍ରଙ୍କ ଜନ୍ମ ମହୋତ୍ସବ

ଜଳେଶ୍ୱର ବ୍ଲକ, ୧୦।୩(ସମିସ) : ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ୧୩୬ ତମ ଜନ୍ମ ମହୋତ୍ସବ ଅବସରରେ ଜଳେଶ୍ୱର ବ୍ଲକ ଅଧିନସ୍ଥ ଓଲମରା ସତସଙ୍ଗ କେନ୍ଦ୍ର ପରିସରରେ ରବିବାର ଦିବସବ୍ୟାପୀ ସତସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏହି ସତସଙ୍ଗ କାର୍ଯ୍ୟକ୍ରମକୁ ରାଇବଣିଆ ଆଇଆଇସି ରଞ୍ଜୁ ହାସିନୀ କୁଲୁ ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏହାପରେ ଏକ ନଗର ପରିକ୍ରମା କାର୍ଯ୍ୟକ୍ରମରେ ୫୦୦ ରୁ ଉର୍ଦ୍ଧ ସତସଙ୍ଗୀ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ସତସଙ୍ଗ ସମାରୋହ ରେ ଜଳେଶ୍ୱରର ସହ ପ୍ରତିରତ୍ୱିକ ଗଣେଶ ଚନ୍ଦ୍ର ଜେନା ଅଧ୍ୟକ୍ଷତା କରିଥିବା ବେଳେ କଟକରୁ ଆସିଥିବା ସହ ପ୍ରତିରତ୍ୱିକ ପବିତ୍ର ମୋହନ ମୈକାପ, ପରିମଳ ଚନ୍ଦ୍ର ଭୂୟାଁ, ଅଧ୍ୟାପକ କେଦାର ନାଥ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।ଚିତ୍ତରଞ୍ଜନ ରାଉତ, ରାସ ବିହାରୀ ଚକ୍ରବର୍ତ୍ତୀ, ଚଣ୍ଡି ପ୍ରସାଦ ଦାସ, ନଗେନ୍ଦ୍ର ନାଥ କୁଇଲା, ବଯତୀନ୍ଦ୍ର ନାଥ ମହାନ୍ତି, ଦୁର୍ଗାଶଙ୍କର ଆସଙ୍କ ସହ ଓଲମରା ସତସଙ୍ଗ କେନ୍ଦ୍ରର ସମସ୍ତ ଗୁରୁ ଭାଇ ମାନେ ପରିଚାଳନା କରିଥିଲେ।

## ମା’ ଅମ୍ବିକା ସାହିତ୍ୟ ସଂସଦର କବିତା ଆସର



ଖଇରା, ୧୦।୩ (ସମିସ): ଖଇରା ବ୍ଲକ ଅଧୀନ କୁପାରୀସ୍ଥିତ ମା’ ଅମ୍ବିକା ମନ୍ଦିର ପରିସରରେ ମା ଅମ୍ବିକା ସାହିତ୍ୟ ସଂସଦର କବିତା ଆସର କବି ଭରତ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ଲକ୍ଷ୍ମଣ କୁମାର ଗାହାଣ, ଜଗନ୍ନାଥ ମହାପାତ୍ର, ପ୍ରସନ୍ନ ମତ୍ତଗଜ, ଜଳଧର ଦାସ, ବସନ୍ତ କୁମାର ସ୍ୱାଇଁ ପ୍ରମୁଖ ଯୋଗ ଦେଇ ଭାଷା ସାହିତ୍ୟ ସମୃଦ୍ଧି ଉପରେ ଆଲୋକପାତ କରିଥିଲେ। ସମ୍ପାଦକ ପରେଶ କୁମାର ଦକ୍ଷିଣରାୟ ବିବରଣୀ ପାଠ କରିଥିଲେ। କବୟିତ୍ରୀ ସଂଧାରାଣୀ ପଟ୍ଟନାୟକଙ୍କ ରଚିତ କବିତା ସଙ୍କଳନ ଶିଳାଗୃହର ଅନ୍ତଧ୍ୱନୀ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ପରେ କବି ମାନେ ସ୍ୱରଚିତ କବିତା ପାଠ କରିଥିଲେ।

## ରକ୍ତଦାନ ଶିବିର

ବାଲେଶ୍ୱର, ୧୦।୩(ସମିସ): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବରିଷ୍ଠ ପ୍ରଚାରକ ସ୍ୱର୍ଗତ ହରିହର ନନ୍ଦଙ୍କ ପୁଣ୍ୟତିଥି ଅବସରରେ ପ୍ରତିବର୍ଷ ଭଳି ଏ ବର୍ଷ ମଧ୍ୟ ଭାରତୀୟ ସଂସ୍କୃତି ପ୍ରଚାର ସମିତି, ବାଲେଶ୍ୱର ତରଫରୁ ଏକ ରକ୍ତଦାନ ଶିବିର ସହରସ୍ଥିତ ଆୟୁଷ୍ମାନ କଲ୍ୟାଣ ମଣ୍ଡପଠାରେ ଆୟୋଜିତ ହୋଇଯାଇଛି। ଏହି ଶିବିରରେ ମୁଖ୍ୟଅତିଥି ଭାବେ ପଙ୍କଜ ପାଟିଲ ଯୋଗ ଦେଇ ରକ୍ତଦାନର ମହତ୍ତ୍ୱ ଓ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ରଘୁନାଥ ମହାପାତ୍ର ଯୋଗଦେଇ ଆଦରଣୀୟ ହରିହର ନନ୍ଦଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଭାରତୀୟ ସଂସ୍କୃତି ପ୍ରଚାର ସମିତିର ସଭାପତି ଭଗବାନ ଦାସ ଖଣ୍ଡେଲୱାଲ ମଞ୍ଚ ପରିଚାଳନା କରିବା ସହ ଉପସ୍ଥିତ ରକ୍ତଦାତା, ରକ୍ତଭଣ୍ଡାରର ଅଧିକାରୀ ଓ ସ୍ୱୟଂସେବକ ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁର୍ଘଟଣାରେ ଜଣେ ମୃତ

ରାଇବଣିଆ, ୧୦।୩ (ସମିସ) : ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଅନ୍ତର୍ଗତ କାଳିକ ଗ୍ରାମ ପଞ୍ଚାୟତର ଉପରତୁଟା ଗାଁର ଦୁଇ ସାଙ୍ଗ ସନ୍ଧ୍ୟା ସମୟରେ କୌଣସି ଏକ କାମରେ ଘରକୁ ଫେରିବା ସମୟରେ ଖଣାବାଡ ରାସ୍ତାର ଏକ ଟ୍ରାକ୍ଟର ସହିତ ମୁହାଁମୁହିଁ ଧକ୍କା ହେବା ଫଳରେ ବାଇକ୍‌ରେ ଥିବା ବସଟେନ ସୋରେନଙ୍କ ପୁତ୍ର ଝୁନାନାଲ ସୋରେନ (୨୫)ଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଛି। ସାଥିରେ ରହିଥିବା ତୁଫାନ ସିଂ ଙ୍କ ପୁତ୍ର ଗଙ୍ଗାରାମ ସିଂ (୨୨) ଗୁରୁତର ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର ହୋଇ ଥିବାର ସୂଚନା ମିଳିଛି।

## ଭାଉଜ ଘରୁ ଚୋରିକଲା ଦିଅର

ଖନ୍ତାପଡ଼ା, ୧୦।୩ (ସମିସ): ଖନ୍ତାପଡ଼ା ଥାନା ଅନ୍ତର୍ଗତ ସୁଠଙ୍ଗ ଗ୍ରାମରେ ସସ୍ମିତା ଜେନା ଏକ ଘରୋଇ କଲେଜରେ କାର୍ଯ୍ୟ କରନ୍ତି। ସେ ଘରଠାରୁ ଦୂରରେ ରୁହନ୍ତି। ସେ ଘରେ ନଥିବାବେଳେ ବିଳମ୍ବିତ ରାତିରେ ତାଙ୍କ ଦିଅର ଅଭୟ କୁମାର ଜେନା ଘରର କବାଟ ଭାଙ୍ଗି ଲକ୍ଷାଧିକ ଟଙ୍କାର ଅଳଙ୍କାର ସହ କଂସା ବାସନ କୁସନ ଚୋରି କରିନେଇଛି। ଏ ନେଇ ସସ୍ମିତା ଥାନାରେ ଅଭିଯୋଗ କରିଛନ୍ତି। ଅପରପକ୍ଷେ ଅଭୟ ନାଁରେ ପୂର୍ବରୁ ଖନ୍ତାପଡ଼ା ଥାନାରେ ବିଭିନ୍ନ ଅସାମାଜିକ କାମରେ ଲିପ୍ତ ନେଇ ଅଭିଯୋଗ ରହିଛି।

## ପଞ୍ଚାୟତସ୍ତରୀୟ ଦିବାରାତ୍ର କ୍ରିକେଟ ପ୍ରତିଯୋଗିତା

ଭୋଗରାଇ, ୧୦।୩ (ସମିସ) : ଆଇପିଏଲ ଢାଞ୍ଚାରେ ଭୋଗରାଇ ବ୍ଲକ ନହରା ପଞ୍ଚାୟତ ଅନ୍ତର୍ଗତ କଣ୍ଡାଳିଆ ଗ୍ରାମର ସୁଧାଂଶୁ ରୋଡସ୍ଥିତ କ୍ରିକେଟ ପଡ଼ିଆରେ ପଞ୍ଚାୟତ ସ୍ତରୀୟ ଦିବାରାତ୍ର କ୍ରିକେଟ ପ୍ରତିଯୋଗିତା ରବିବାର ଉଦଘାଟିତ ହୋଇଯାଇଛି। ଜୟ ଜଗନ୍ନାଥ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଏହି କ୍ରିକେଟ ପ୍ରତିଯୋଗିତା ପାଇଁ ସମ୍ପୂର୍ଣ୍ଣ ଆଇପିଏଲ ଢାଞ୍ଚାରେ ସ୍ଥାନୀୟ ନହରା ପଞ୍ଚାୟତର ବଛା ବଛା ଖେଳାଳୀ ମାନଙ୍କୁ ନିଲାମ ପ୍ରକ୍ରିୟାରେ ଚୟନ କରାଯାଇ ସମୁଦାୟ ଚାରୋଟି ଟିମ ଗଠନ କରାଯାଇଛି। ସାତସୁଳିଆ ଏମକେ ୟୁନିକ୍ ଷ୍ଟାର, କଣ୍ଡାଳିଆ ଦେବୁ ଇଲେଭେନ୍ ଷ୍ଟାର, କାହ୍ନୁପୁର ଏକେ ଫୋର୍ଟି ସେଭେନ୍ ଓ କଣ୍ଡାଳିଆ ରାଜା ଇଲେଭେନ୍ ଷ୍ଟାର ଟିମ୍ ଏହି କ୍ରିକେଟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛି। ବିଧାୟକ ପ୍ରତିନିଧି ଇଂ ଅଭିଜିତ ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହି ପ୍ରତିଯୋଗିତାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିବା ସହିତ ଟ୍ରଫି ଉନ୍ମୋଚନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ରବୀନ୍ଦ୍ର ପ୍ରଧାନ, ସମାଜସେବୀ ମନୋରଞ୍ଜନ ଜେନା, ସାମ୍?ାଦିକ ଅଂଶୁମାନ ରାଉତ, ସାମ୍ବାଦିକ ଶମ୍ଭୁନାଥ ଦାସ ପ୍ରମୁଖ ଯୋଗ ଦେଇ ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ। କ୍ଲବର ସଭାପତି ରାଜକୁମାର ଘୋଷ, ସମ୍ପାଦକ ମଳୟ କୁମାର ସୁର, କ୍ଲବର ଉପଦେଷ୍ଟା ରବୀନ୍ଦ୍ର ଘୋଷ ଓ ମଧୁସୂଦନ ପଡ଼ିଆରି, କୋଷାଧ୍ୟକ୍ଷ ପଞ୍ଚାନନ ଦାସ, କାର୍ଯ୍ୟକାରୀ ସଦସ୍ୟ ସୁଶାନ୍ତ ଘୋଷ, ପ୍ରଶାନ୍ତ ଘୋଷ, ଆନନ୍ଦ ଆଚାର୍ଯ୍ୟ, ରଞ୍ଜନ ପ୍ରଧାନ, ହେମନ୍ତ ଘୋଷ, ଜୟନ୍ତ ଘୋଷ, ଦୀପକ ଘୋଷ ପ୍ରମୁଖଙ୍କ ସହିତ ସମସ୍ତ ସଦସ୍ୟ ଏହି କ୍ରିକେଟ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ।

## ଉତ୍କଳ ଦିବସ ପ୍ରସ୍ତୁତି ବୈଠକ

ସୋର, ୧୦।୩(ସମିସ): ଉତ୍କଳ ସମ୍ମିଳନୀ ସୋର ଶାଖାର କାର୍ଯ୍ୟକାରୀ କମିଟି ବୈଠକ ଶାଖାର ସଭାପତି ଶିକ୍ଷାବିତ ବିଜୟ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି। ଶାଖାର କାର୍ଯ୍ୟକାରୀ ସମ୍ପାଦକ ଶିକ୍ଷାବିତ କୃତିବାସ ବେଜ ଗତ ବୈଠକର ନିଷ୍ପତ୍ତି ତଥା ଆସନ୍ତା ୮୮ତମ ଉତ୍କଳ ଦିବସକୁ ବିଧିବଦ୍ଧ ଭାବେ ବିଭିନ୍ନ ଅନୁଷ୍ଠାନ, ସ୍କୁଲ କଲେଜ ତଥା ଅଫିସ ଦପ୍ତର ମାନଙ୍କରେ ପାଳନ କରାଯିବା ପାଇଁ ପ୍ରସ୍ତାବ ଆଗତ କରିଥିଲେ। କେନ୍ଦ୍ରୀୟ କମିଟିର ସଦସ୍ୟା ମିନତୀ କର, ରାଜ୍ୟ ସରକାର ତଥା ରାଜ୍ୟ କେନ୍ଦ୍ର କମିଟିର ନିଷ୍ପତ୍ତିକୁ ସଠିକଭାବେ କାର୍ଯ୍ୟକାରୀ କରିବା ପାଇଁ ସମସ୍ତଙ୍କର ସହଯୋଗ ଲୋଡ଼ିଥିଲେ। ସୋର ଅଞ୍ଚଳର ନବକିଶୋର ଦାସ ମତବ୍ୟକ୍ତ କରି ଓଡ଼ିଆ ଜାତିର ସ୍ୱାଭିମାନ ତଥା ଓଡ଼ିଆ ଭାଷାର ସୁରକ୍ଷା ପାଇଁ ସୋର ଅଞ୍ଚଳର ସମସ୍ତ ସରକାରୀ ଦପ୍ତର, ଶିକ୍ଷାନୁଷ୍ଠାନ ମାନଙ୍କରେ ଓଡ଼ିଆ ଭାଷାରେ ନାମ ଫଳକ ତଥା ଚିଠି ପତ୍ର ଲେଖା ଉପରେ ଏକ ସପ୍ତାହ ବ୍ୟାପି ସଚେତନତା ଅଭିଯାନ ଶାଖା ତରଫରୁ କାର୍ଯ୍ୟ କରିବାକୁ ପ୍ରସ୍ତାବ ରଖିବା ସହ ସୋର ଶାଖାର ସଭ୍ୟ ସଂଖ୍ୟା ବୃଦ୍ଧି ଉପରେ ଗୁରୁତ୍ୱ ଦେଇଥିଲେ।



